ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.238 Bhubaneswar Thursday November 10 2022 ୨୫ତମ ବର୍ଷ ସଂଖ୍ୟା-୨୩୮ ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

ପଦ୍ମପୁର ଉପନିର୍ବାଚନ: ଆଶଙ୍କାରେ ବରିହା ପରିବାର, ଦଳଡିଆଁଙ୍କୁ ମିଳିବ କି ଟିକେଟ୍ ?

ଭୁବନେଶ୍ୱର,୯।୧୧(ପି.ଏନ): ପଦ୍ମପୁର ଉପନିର୍ବାଚନ ପାଇଁ ଆସନ୍ତାକାଲି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ସହ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ଏପର୍ଯ୍ୟନ୍ତ କୌଣସି ରାଜନୀତିକ ଦଳ ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିନଥିଲେ ମଧ୍ୟ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ବିଜେପି ପ୍ରାର୍ଥୀ ହେବା ଏକରକମ ଚୂଡାନ୍ତ ହୋଇଥିବାବେଳେ ବିଜେଡି ପଦ୍ମପୁର ଉପନିର୍ବାଚନକୁ ଯେନତେନ ପ୍ରକାରେ ବିଜୟୀ ହୋଇ ନିଜର ସମ୍ମାନ ରଖିବାକୁ ଚାହୁଁଛି । ସେଥିପାଇଁ ବିଜେଡି ଏବେ ମୁଖ୍ୟତଃ ୩ଟି ବିକଳ୍ପ ଉପରେ ବିଚାରବିମର୍ଶ କରି ନିଜର ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ଚୂଡାନ୍ତ କରିବା ସହ ନିର୍ବାଚନୀ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଥିବାରୁ ଦିବଂଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ପରିବାର ଦଳୀୟ ଟିକେଟ୍ ମିଳିବାକୁ ନେଇ ଆଶଙ୍କାରେ ରହିଛି । ଆଉ ବିଜେଡିର ଏହି କସରତ୍ ଉପରେ ହିଁ କଂଗ୍ରେସର ପ୍ରାର୍ଥୀ ଚୟନ ନିର୍ଭର କରୁଥିବା ଜଣାପଡିଛି । ସୂଚନା ଅନୁସାରେ, ଦିବଂଗତ ବିଜେଡି ବିଧାୟକ ସ୍ୱର୍ଗତ ବରିହାଙ୍କ ପରିବାର ଉପନିର୍ବାଚନରେ ଦଳୀୟ ଟିକେଟ୍ ପାଇବାକୁ ଦାବି ଜୋରଦାର କରିଛନ୍ତି । ଦିଂବଗତ ଶ୍ରୀ ବରିହାଙ୍କ ପୁଅ ନିଜ ମା' ତିଲୋତ୍ତମା ସିଂ ବରିହାଙ୍କୁ ଟିକେଟ୍ ଦେବାକୁ ଦାବି କରିବାର ଦିନକ ପରେ ଖୋଦ୍ ତିଲୋତ୍ତମା ନିଜେ ଗଣମାଧ୍ୟମ ସାମ୍ନାକୁ ଆସି ଟିକେଟ୍ ଆଶାୟୀ ଥିବା କହିଥିଲେ । ଆଜି ବରିହାଙ୍କ ପୁତୁରା ବୋହୂ ମାଧବୀ ସିଂ ବରିହା ମଧ୍ୟ ଗଣମାଧ୍ୟମ ଆଗରେ ତାଙ୍କ ପରିବାରର ଯେକୌଣସି ସଦସ୍ୟଙ୍କୁ ଟିକେଟ୍ ଦେବାକୁ ଦାବି କରିଛନ୍ତି । ଯଦି ତାଙ୍କର କାକୀ(ଦିବଂଗତ ଶ୍ରୀ ବରିହାଙ୍କ ପତ୍ନୀ ତିଲୋତ୍ତମା)ଙ୍କୁ ଦଳ ଟିକେଟ୍ ଦିଏ, ତା'ହେଲେ ତାଙ୍କ ପରିବାର ଏକଜୁଟ ହୋଇ ଲ?ିବ । ଏପରିକି ସେ ମଧ୍ୟ ବିଜେଡି ଟିକେଟ୍ ଆଶାୟୀ ଥିବା ନିଜକୁ ଟିକେଟ୍ ଶିଡରେ ସାମିଲ କରିଛନ୍ତି ।ଯଦି ତାଙ୍କୁ ଟିକେଟ୍ ମିଳେ ସେ ତାଙ୍କ କାକା(ଦିବଂଗତ ବିଧାୟକ)ଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବେ । ପଦ୍ମପୁର ଅଂଚଳରେ ଅଧିକ ସ୍କୁଲ ଓ କଲେଜ ଖୋଲିବା ସହ ରାସ୍ତା ମରାମତି ଆଦି ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବେ । ଅବଶ୍ୟ ବରିହା ପରିବାର ସଦସ୍ୟମାନେ ଜଣକ ପରେ ଜଣେ ଗଣମାଧ୍ୟମ ସାମ୍ନାକୁ ଆସି ଟିକେଟ୍ ପାଇଁ ଦାବି କରିବା ପଛରେ ଜଣେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲାର ବିଧାୟକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ବୋଲି ଜଣାପଡିଛି ।ତେବେ ଅଚାନକ ଦିବଂଗତ ବିଧାୟକ ଶ୍ରୀ ବରିହାଙ୍କ ପୁତୁରା ବୋହୂ ଗଣମାଧ୍ୟମକୁ ଆସି ଟିକେଟ୍ ଦାବିଦାର ହେବାକୁ ନେଇ ବିଜେଡି ରାଜନୀତି ସରଗରମ ରହିଛି । ଦିବଂଗତ ବିଧାୟକ ସ୍ୱର୍ଗତ ବରିହାଙ୍କ ପତ୍ନୀ ତିଲୋତ୍ତମା 'ଶବର' ସମୁଦାୟର ହୋଇଥିବାରୁ ପଦ୍ମପୁର ଅଂଚଳର ସ୍ଥାନୀୟ ସାମାଜିକ ସମୀକରଣ ବିଜେଡି ପାଇଁ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । କାରଣ ସ୍ୱର୍ଗତ ବିଧାୟକ ବରିହା 'ବିଞ୍ଚାର' ସମୁଦାୟର ହୋଇଥିବାବେଳେ ନିକଟରେ ତାଙ୍କ ଝିଅକୁ ଉପକୂଳ ଓଡିଶାରେ ଜଣେ ପୂର୍ବତନ ବିଧାୟକଙ୍କ ପୁଅକୁ ବାହା କରାଇ ସେ ନିଜ 'ବିଞ୍ଚାର ସମାଜ'ର ରୋଷର ଶିକାର ହୋଇଥିଲେ । ଏପରିକି ତାଙ୍କର ଦ୍ୱାଦଶ କାର୍ଯ୍ୟରେ ମଧ୍ୟ 'ବିଞ୍ଚାର' ସମାଜର ନେତୃସ୍ଥାନୀୟ ଲୋକ ଅନୁପସ୍ଥିତ ରହିଥିଲେ । ଯେଉଁଥିପାଇଁ ବରିହାଙ୍କ ପତ୍ନୀ ଶବର ସମୁଦାୟର ତିଲୋତ୍ତମାଙ୍କୁ ଟିକେଟ୍ ଦେଲେ ବିଞ୍ଚାର ସମାଜ ଅସନ୍ତୁଷ୍ଟ ହେବାର ଆଶଙ୍କା ରହିଛି । ଏହି କାରଣରୁ ବରିହା ପରିବାର ନିଜର ପୁତୁରା ବୋହୂ ମାଧବୀଙ୍କୁ ଆଗକୁ ଆଣିଛି । ଅବଶ୍ୟ ବରିହାଙ୍କ ପୁତୁରାମାନେ ପୂର୍ବରୁ ଅନେକ ଅପରାଧିକ ଘଟଣା ପାଇଁ ବିବାଦୀୟ ହୋଇ ରହିଛନ୍ତି । ୨୦୦୯ରେ ପାଇକମାଳରେ ମହିଳାଙ୍କୁ ଅସଦାଚରଣ ଘଟଣାରେ ୨ଜଣ ପୁତୁରା ବିବାଦୀୟ ଥିବାବେଳେ ଓଡିଶା ପୁଲିସରେ କାମ କରୁଥିବା ଅନ୍ୟ ଜଣେ ପୁତୁରାଙ୍କ ବିରୁଦ୍ଧରେ ମଧ୍ୟ ଦଳିତ ଝିଅ ସହ ଦୁଷ୍କର୍ମର ଅଭିଯୋଗ ହୋଇଥିଲା । ବିଜେଡି ସୂତ୍ର ଅନୁସାରେ, ଧାମନଗରରେ ଶକ୍ତ ପରାଜୟ ପରେ ବ୍ୟାକଫୁଟରେ ଥିବା ବିଜେଡି ଏସବୁ କାରଣକୁ ଦୃଷ୍ଟିରେ ରଖି ଆଉ ରିସ୍କ ନେବା ମୁଡରେ ନାହିଁ । ଯେନତେନ ପ୍ରକାରେ ପଦ୍ମପୁର ଆସନକୁ ନିଜ ପାଖରେ ରଖିବାକୁ ଚାହୁଁଥିବା ବିଜେଡି ସ୍ଥାନୀୟ ରାଜନୀତିକ ଓ ସାମାଜିକ ସମସ୍ୟାକୁ ଦୃଷ୍ଟିରେ ରଖି ନିଜର ଗୋଟିଚାଳନା କରିବାକୁ ଚାହୁଁଛି । ଏପଟେ ନୂଆପଡାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିବା ମହେନ୍ଦ୍ର ବଢ଼େଇ ମଧ୍ୟ ଟିକେଟ୍ ଆଶାୟୀ ଅଛନ୍ତି । ସେ 'କୁଲତା ସମାଜ'ର ହୋଇଥିବାରୁ ତାଙ୍କୁ ଟିକେଟ୍ ଦେଇ 'କୁଲତା,ବିଞ୍ଚାର ଓ ଶବର' ସମାଜକୁ ସନ୍ତୁଷ୍ଟ କରିବା ଏକପ୍ରକାର ସହଜ ହେବ ବୋଲି ବିଜେଡି ନେତୃତ୍ୱ ଭାବୁଛନ୍ତି। ଅନ୍ୟ ଏକ ବିକଳ୍ପ ଭାବେ ଟିକେଟ୍ ଦାବିଦାର ଥିବା ବିଜେଡିର ଏହି ଆଶାୟୀମାନଙ୍କୁ ବାଦ୍ ଦେଇ ଦଳ ଏବେ କଂଗ୍ରେସର ଜଣେ ବରିଷ୍ଠ ନେତାଙ୍କୁ ପ୍ରାର୍ଥୀ କରିବାକୁ ଜୋରଦାର ଉଦ୍ୟମ ଚଳାଇଛି ।ଉଭୟ ବରିହା ପରିବାର ଓ ମହେନ୍ଦ୍ର ବ?ଢ଼ଇଙ୍କୁ ମ୍ୟାନେଜ୍ କରି କଂଗ୍ରେସରୁ ଆସିବାକୁ ଥିବା ନେତାଙ୍କୁ ଦଳୀୟ ଟିକେଟ୍ ଦେଇ ବିଜେଡି ଏହି ଉପନିର୍ବାଚନ ବୈତରଣୀ ପାର ହେବାର ବିକଳ୍ପ ଖୋଜୁଥିବା ଜଣାପଡିଛି । ଯଦି ସବୁକିଛି ଠିକଠାକ୍ ରୁହେ, ତା'ହେଲେ କଂଗ୍ରେସର ସମ୍ପୃକ୍ତ ବରିଷ୍ଠ ନେତାଙ୍କୁ ବିଜେଡି ଟିକେଟ ମିଳିବାର ସମ୍ଭାବନା ବେଶୀ । ତା'ଛଡା କଂଗ୍ରେସ ପାଖରେ ଥିବା ପ୍ରାୟ ୩୦ହଜାର ଭୋଟରେ ବଡଧରଣର ଛିଦ୍ର ନକଲେ ସେଠାରେ ବିଜେପିର ଦୃଢ଼ ସଂଗଠନକୁ ମାତ୍ ଦେବା ସହଜ ମଧ୍ୟ ନୁହେଁ ବୋଲି ବିଜେଡି ଜାଣିଛି । ଆଗାମୀ ୩-୪ ଦିନ ମଧ୍ୟରେ ବିଜେଡିରେ ପ୍ରାର୍ଥୀଙ୍କ ସ୍ଥିତି ସ୍ପଷ୍ଟ ହେବ ।ସୂଚନାଯୋଗ୍ୟ, ପଦ୍ମପୁର ଉପନିର୍ବାଚନ ପାଇଁ ଭୋଟଗ୍ରହଣ ଡିସେମ୍ବର ୫ରେ ହେବ ଓ ଏଥିପାଇଁ ଆସନ୍ତାକାଲିଠୁ ନାମାଙ୍କନ ପତ୍ର ଦାଖଲ ହୋଇ ୧୭ତାରିଖ ପର୍ଯ୍ୟନ୍ତ ଚାଲିବ।

ପଦ୍ମପୁରରେ ପ୍ରଚାର କରିବେ ସୂର୍ଯ୍ୟବଂଶୀ ସୁରଜ

ଭୁବନେଶ୍ୱର, ୯।୧୧(ପି.ଏନ): ପଦ୍ମପୁର ଉପନିର୍ବାଚନରେ ବିଜେପି ପାଇଁ ପ୍ରଚାର କରିବେ ଧାମନଗରର ନବ ନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ।ବୁଧବାର ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏହି ସୂଚନା ଦେଇଛନ୍ତି ।ସେ କହିଛନ୍ତି, ସୂର୍ଯ୍ୟବଂଶୀ ସୂରଜ ଜଣେ ଉଚ୍ଚ ଶିକ୍ଷିତ । ସେ ନୂଆ କରି ବିଧାନସଭାକୁ ଆସିଛନ୍ତି । ରାଜନୀତିରେ ନୂଆ ହେଲେ ବି ଜଣେ ପୋଖତ ରାଜନେତା ଭାବେ ନିଜକୁ ପ୍ରମାଣିତ କରିଛନ୍ତି । ତାଙ୍କର ପ୍ରଭାବ ନିଶ୍ଚିତ ଭାବେ ଭୋଟରଙ୍କ ଉପରେ ରହିବ । ପଦ୍ମପୁରରେ ଆମେ ନିଶ୍ଚିତ ଜିତିବୁ । ସେଥିପାଇଁ ଆମେ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବୁ । ରଣନୀତି ପ୍ରସ୍ତୁତ କରାଯାଇଛି । ସେଠାରେ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ ହୋଇଗଲାଣି । ଧାମନଗରରେ ଯେଭଳି ଆମେ ପ୍ରତ୍ୟେକ ଭୋଟରଙ୍କ ସହିତ ଯୋଗାଯୋଗ କରିଥିଲୁ ପଦ୍ମପୁରରେ ମଧ୍ୟ ସେମିତି କରିବୁ । ୨୨ ବର୍ଷ ଧରି ରାଜ୍ୟ ସରକାରଙ୍କ ଅରାଜକତା ବିଷୟରେ ଆମେ ଲୋକଙ୍କୁ କହିବୁ । ଚାଷୀଙ୍କ ପ୍ରତି ଅବହେଳା ମୁଖ୍ୟ ପ୍ରସଙ୍ଗ ହେବ ।ପଦ୍ମପୁର ଉପନିର୍ବାଚନ ପାଇଁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସହିତ ବରଗଡ଼ ସାଂସଦ ସୁରେଶ ପୂଜାରୀ ଓ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡାଙ୍କୁ ବିଜେପି ଦାୟିତ୍ୱ ଦେଇଛି । ଏହାବାଦ୍ ଓଡ଼ିଶାର ତିନି କେନ୍ଦ୍ର ମନ୍ତ୍ରୀ ବି ଦାୟିତ୍ୱ ନେବେ ବୋଲି ଜୟନାରାୟଣ ମିଶ୍ର କହିଛନ୍ତି ।

ହେତୁବାଦୀ - ପରମ୍ପରାବାଦୀ ସଂଘର୍ଷ ଘଟଣାରେ ୮ ଗିରଫ

ଭୁବନେଶ୍ୱର, ୯।୧୧(ପି.ଏନ): ଚନ୍ଦ୍ରଗ୍ରହଣରେ ଖାଇବାକୁ ନେଇ ଲୋହିଆ ଏକାଡେମୀରେ ହେତୁବାଦୀ ଓ ପରମ୍ପରାବାଦୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ କମିଶନରେଟ୍ ପୋଲିସ ୮ ଜଣଙ୍କୁ ଗିରଫ କରିଛି । ସୂଚନାଯୋଗ୍ୟ ଯେ ଗତକାଲି ଚନ୍ଦ୍ରଗ୍ରହଣ ସମୟରେ ଲୋହିଆ ଏକାଡେମୀରେ ହେତୁବାଦୀଙ୍କ ପକ୍ଷରୁ ସଭା ଚାଲିଥିଲା । ଏହାସହ ଖାଇବା ବ୍ୟବସ୍ଥା କରାଯାଇଥିଲା । ସୂଚନା ପାଇ ପରମ୍ପରାବାଦୀମାନେ ଘଟଣାସ୍ଥଳରେ ପହଂଚି ଏହାକୁ ବିରୋଧ କରିଥିଲେ । ଫଳରେ ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଘଟଣା ସମ୍ପର୍କରେ ହେତୁବାଦୀମାନେ ଅନ୍ୟ ଗୋଷ୍ଠୀ ବିରୋଧରେ ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ଖାରବେଳ ଥାନା ପୋଲିସ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେପଟେ ଧାର୍ମିକ ଭାବନାକୁ ଆଘାତ ଦେଇଥିବା ହେତୁବାଦୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି ଅନ୍ୟ ଗୋଷ୍ଠୀ ।

ପ୍ରଫେସର କିଶୋର ବସା ଜାତୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ

ବାରିପଦା,୯।୧୧(ପି.ଏନ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର ବସାଙ୍କୁ କେନ୍ଦ୍ର ସରକାର ଜାତୀୟ ସ୍ମାରକୀୟ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି । କେନ୍ଦ୍ର ସଂସ୍କୃତି ବିଭାଗ ସଚିବ ଶୋଭାରାଣୀ ତିରୁ ଏ ନେଇ ପ୍ରଫେସର ବସାଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି ।

କେନ୍ଦ୍ର ସରକାର ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଏହି ସଂସ୍ଥାର ଅଧ୍ୟକ୍ଷ ହେବାରେ ପ୍ରଫେସର ବସା ହେଉଛନ୍ତି ପ୍ରଥମ ଓଡ଼ିଆ । ଖବର ଜଣାପଡ଼ିବା ପରେ ବିଭିନ୍ନ ସ୍ତରରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ର/ଛତ୍ରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି ।

ଶପଥ ଗ୍ରହଣ କଲେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି

ନୂଆଦିଲ୍ଲୀ, ୯।୧୧(ପି.ଏନ): ଡ. ଧନଞ୍ଜୟ ଯଶୱନ୍ତ ଚନ୍ଦ୍ରଚୂଡ଼ ଭାରତର ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବରେ ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥପାଠ କରାଇଛନ୍ତି ।

ଆସନ୍ତାକାଲି ଓଡିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୯।୧୧(ପି.ଏନ): ଆସନ୍ତାକାଲି (ଗୁରୁବାର) ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ବ୍ଲୁ ବୁକ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ବୁଧବାର ଦିନ ଭୁବନେଶ୍ୱରରେ ଫୁଲ ଡ୍ରେସ୍ ରିହର୍ସଲ କରାଯାଇଛି । ରାଷ୍ଟ୍ରପତିଙ୍କ ସୁରକ୍ଷା ନେଇ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିମାନବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ପୋଲିସ ଛାଉଣୀରେ ପରିଣତ ହେବ । ୩୪ ପ୍ଲାଟୁନ୍ ଫୋର୍ସ ସହ ୨ ଶହ ସବ୍‌ଇନ୍ସପେକ୍ଟର, ୬୨ ଜଣ ଏସିପି, ୨୨ ଏଡିସିପି ରାଙ୍କର ଅଫିସର ଏବଂ ୪ ଡିସିପି ରାଙ୍କର ଅଫିସର ସୁରକ୍ଷା ଦାୟିତ୍ୱରେ ରହିବେ। ୧୦ ଓ ୧୧ ତାରିଖରେ ରାଷ୍ଟ୍ରପତିଙ୍କର କାର୍ଯ୍ୟକ୍ରମ ରହିଛି। ଗୁରୁବାର ସକାଳେ ଏୟାରପୋର୍ଟରେ ପହଂଚିବା ପରେ ରାଷ୍ଟ୍ରପତିଙ୍କୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବ। ସେଠାରୁ ସେ ସିଧା ପୁରୀ ଗସ୍ତରେ ବାହାରିବେ। ପୁରୀ ଶ୍ରୀମନ୍ଦିରରେ ଜଗା ଦର୍ଶନ ପରେ ଭୁବନେଶ୍ୱର ଫେରିବେ ରାଷ୍ଟ୍ରପତି। ଫେରିବା ପରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। ପରଦିନ ଅର୍ଥାତ ୧୧ ତାରିଖ ଦିନ ରାଜଧାନୀରେ ଦୁଇଟି ସ୍କୁଲ୍ ରେ ପିଲାଙ୍କ ସହ ଆଲୋଚନା କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହା ବ୍ୟତୀତ ଜୟଦେବ ଭବନରେ ମଧ୍ୟ ଏକ କାର୍ଯ୍ୟକ୍ରମ ରହିଛି । ଏସବୁ କାର୍ଯ୍ୟକ୍ରମ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଅନ୍ୟପକ୍ଷରେ ପୁରୀରେ ମଧ୍ୟ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ହେଲିପ୍ୟାଡରୁ ଶ୍ରୀମନ୍ଦିର ଏବଂ ଶ୍ରୀମନ୍ଦିରରୁ ରାଜଭବନ ଯାଏଁ କାରକେଡ୍ ରିହର୍ସାଲ୍ ହୋଇଛି । ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ପୁରୀରେ ୨୫ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ସୁରକ୍ଷା ଲାଗି ଅତିରିକ୍ତ ଫୋର୍ସ ମଧ୍ୟ ରିଜର୍ଭରେ ରହିବେ । ଶହେ ଅଫିସର ମଧ୍ୟ ସୁରକ୍ଷା ଦାୟିତ୍ୱରେ ରହିବେ। ହେଲିପ୍ୟାଡ୍ ରୁ ଆରମ୍ଭ କରି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଦୁଇଟି ଜୋନ୍ ରେ ବିଭକ୍ତ କରାଯାଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆସନ୍ତାକାଲି ରାଷ୍ଟ୍ରପତି ଶ୍ରୀମନ୍ଦିରରେ ଦିନ ୧୨ଟାରୁ ୧୨ଟା ୪୫ ମଧ୍ୟରେ ଶ୍ରୀଜିଉଙ୍କୁ ଦର୍ଶନ କରିବା କାର୍ଯ୍ୟକ୍ରମ ଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଶପଥ ନେଲେ ଧାମନଗରର ନବ ନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୁରଜ

ଭୁବନେଶ୍ୱର, ୯।୧୧(ପି.ଏନ): ଧାମନଗରର ନବ ନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୁରଜ ବୁଧବାର ଦିନ ବିଧାୟକ ଭାବେ ଶପଥ ଗ୍ରହଣ କରିଛନ୍ତି । ବାଚସ୍ପତି ବିକ୍ରମ କେଶରୀ ଆରୁଖ ତାଙ୍କୁ ଶପଥ ପାଠ କରାଇଛନ୍ତି । ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ବିକ୍ରମ କେଶରୀ ଆରୁଖ ବୁଧବାର ୪୬-ଧାମନଗର (ଅନୁସୂଚିତ ଜାତି) ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୁରଜଙ୍କୁ ବିଧାୟକ ଭାବେ ଶପଥ ଗ୍ରହଣ କରାଇଛନ୍ତି । ବାଚସ୍ପତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ବିରୋଧି ଦଳ ନେତା ଜୟନାରାୟଣ ମିଶ୍ର, ବିରୋଧି ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଧାନସଭା ସଚିବ ଦାଶରଥୀ ଶତପଥୀ, ବିଧାନସଭାର ଅନ୍ୟ ପଦାଧିକାରୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ପ୍ରକାଶଯୋଗ୍ୟ ଯେ ୪୬-ଧାମନଗର ନିର୍ବାଚନ ମଣ୍ଡଳୀର ଆସୀନ ସଦସ୍ୟ ବିଷ୍ଣୁଚରଣ ସେଠୀଙ୍କ ପରଲୋକ ଯୋଗୁଁ ଏହି ବିଧାନସଭା ଆସନଟି ଖାଲି ରହିଥିଲା । ଚଳିତ ମାସ ୩ ତାରିଖ ଦିନ ଏହି ଆସନ ନିମନ୍ତେ ଅନୁଷ୍ଠିତ ଉପନିର୍ବାଚନରେ ସୂର୍ଯ୍ୟବଂଶୀ ସୁରଜ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ।

ରାଷ୍ଟ୍ରପତିଙ୍କ ଆଗମନ ପାଇଁ ଆଜି ଭୁବନେଶ୍ୱରରେ ଅଧାଦିନ ଛୁଟି

ଭୁବନେଶ୍ୱର, ୯।୧୧(ପି.ଏନ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରଥମ ଓଡ଼ିଶା ଗସ୍ତକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଆସନ୍ତାକାଲି ଅର୍ଥାତ୍ ୧୦ ତାରିଖ ୧ଟାରୁ ଭୁବନେଶ୍ୱର ଅଂଚଳରେ ଛୁଟି ଘୋଷଣା କରିଛନ୍ତି । ଏହି ଛୁଟି କେବଳ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଭୁକ୍ତ ଅଂଚଳରେ ବଳବତର ରହିବ। ମହାନଗର ନିଗମ ଅଂଚଳରେ ଥିବା ସମସ୍ତ ସରକାରୀ ଦପ୍ତର ଓ ସରକାରୀ ତଥା ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିବ। ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତର ସର୍ବସଫଳତାକୁ ଦୃଷ୍ଟିରେ ରଖି ତାଙ୍କ ସମ୍ମାନାର୍ଥେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏପରି ଛୁଟି ଘୋଷଣା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି।

ଏଏସଓ ପରୀକ୍ଷା: ସନ୍ଦେହ ବଢ଼ାଉଛି ଓପିଏସସି କର୍ତ୍ତୃପକ୍ଷଙ୍କ ନିରବତା

ଭୁବନେଶ୍ୱର,୯।୧୧(ପି.ଏନ): ରାଜ୍ୟ ସରକାର ସବୁ କ୍ଷେତ୍ରରେ 'ଫାଇଭ-ଟି' ଓ ପାରଦର୍ଶିତା କଥା କହୁଥିଲେ ମଧ୍ୟ ସରକାରୀ ନିଯୁକ୍ତି ସଂସ୍ଥା 'ଓଡିଶା ଲୋକସେବା ଆୟୋଗ'(ଓପିଏସସି)ର ପରୀକ୍ଷା ପରିଚାଳନାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସଓ) ଲିଖିତ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏବେ ଓପିଏସସି କର୍ତ୍ତୃପକ୍ଷଙ୍କ ନିରପେକ୍ଷତା ଓ ସ୍ୱଚ୍ଛତା ଉପରେ ଚାକିରି ଆଶାୟୀ ହଜାର ହଜାର ଯୁବକଯୁବତୀ ପ୍

ଟି ଟାଇମ୍

ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୂର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

ପୁରାଣ କାହାଣୀ

ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ତୁଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

୨୮ ବର୍ଷ ପରେ ସନ୍ତାନ

ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଧୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସଯରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଭ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

କୁକୁରଙ୍କୁ ଅପମାନିତ କଲେ ଜେଲ

ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ

ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଙ୍ଗୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟିଜ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

କଳିଙ୍ଗର ନୌବାଣିଜ୍ୟ ଓ ବାଲିଯାତ୍ରା

ଅକ୍ଷୟ କୁମାର ରାଉତ

ପ୍ରତ୍ୟେକ ଜାତି ବା ଦେଶର ସାଂସ୍କୃତିକ ଜୀବନ କ୍ଷେତ୍ରରେ ପର୍ବପର୍ବାଣୀ, ଯାନିଯାତ୍ରା ଓ ଉତ୍ସବର ଅତି ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଅଛି। ପ୍ରାଚୀନ କଳିଙ୍ଗ ନୌବାଣିଜ୍ୟ ଗାରିମାମୟ ଅଧ୍ୟାୟ କାଳଜୟୀ ପରମ୍ପରା ବିଶ୍ୱ ବନ୍ଦନୀୟ। ଓଡିଶାର ନୌବାଣିଜ୍ୟ ବହୁ ପ୍ରାଚୀନ, ଏହି କଥା ଲୋକଶ୍ରୁତି ଓ ଇତିହାସରୁ ଜଣାଯାଏ। ତତ୍କାଳୀନ ସମୟରେ କଳିଙ୍ଗ ଜାତିର ଦୁର୍ଦ୍ଧର୍ଷପଣିଆ ସାରା ପୃଥିବୀରେ କଳିଙ୍ଗାଃ ସାହାସିକାଃ ରୂପେ ପରିଗଣିତ ହୋଇଥିଲା। ମେଗାସ୍ଥିନିସଙ୍କ ବିବରଣୀରୁ ଜଣାଯାଏ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ କଳିଙ୍ଗରେ ନଦୀପଥ ଓ ସମୁଦ୍ର ପଥରେ ନୌବାଣିଜ୍ୟ ଚାଲୁଥିଲା। ଇତିହାସ କହେ କଳିଙ୍ଗର ନୌବାଣିଜ୍ୟ ବିଶ୍ୱବିଖ୍ୟାତ। ସେତେବେଳେ ଆମର ବହୁତ ପ୍ରସିଦ୍ଧ ବନ୍ଦର ଥିଲା। ତାହା ହେଉଛି-ନନୀଗେନ, କାଟିକର୍ଦ୍ଦମ, ପଲୌରା, କୋଳନଗର, କୋଶମ୍ବ, ମନୋଜ, ଦୋସରମ୍, ତନ୍ଦିସ୍, ଗଙ୍ଗେ, ତାମଲିତି, ପଲୋରା, କଂଟକସିଲାଇ, ଦନ୍ତପୁର। ଏହାବ୍ୟତୀତ ଅନ୍ୟ ବନ୍ଦରଗୁଡିକ ହେଲା-ପିପିଲି, ଚାନ୍ଦବାଲି, ଧାମରା, ପାରାଦ୍ୱୀପ, ଚେଳିତୋଳ, ପୁରୀ, ଚିଲିକା ଆଦି ପ୍ରାଚୀନ ବନ୍ଦର ଥିବାର ପ୍ରମାଣ ମିଳେ।

ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା କଳିଙ୍ଗର ସାମ୍ରାଜ୍ୟ। ସେତେବେଳେ ତାମଲିତି ବା ତାମ୍ରଲିପ୍ତି କଳିଙ୍ଗର ଶ୍ରେଷ୍ଠ ବନ୍ଦର ଥିଲା। ଏହି ତାମ୍ରଲିପ୍ତି ବନ୍ଦରରୁ କଳିଙ୍ଗର ସାଧବ ପୁଅମାନେ ଚୀନ, ସିଂହଳ, ଇଣ୍ଡୋନେସିଆ, ମାଳୟ, ବ୍ରହ୍ମଦେଶ, ଥାଇଲାଣ୍ଡ ଓ ଭିଏତ୍‌ନାମ୍ ଆଦି ଦେଶକୁ ଯାଉଥିଲେ ପାଲଟଣା ବୋଇତରେ। ସାଧବମାନେ ସାଙ୍ଗରେ ନେଉଥିଲେ, ସମ୍ବଲପୁରୀ ବସ୍ତ୍ର, କଟକର ତାରକସି କାରୁକାର୍ଯ୍ୟ, କାଠ, ପଥର ଖୋଦେଇ ମୂର୍ତ୍ତି ଓ ବିଭିନ୍ନ ସୁଗନ୍ଧ ସାମଗ୍ରୀ। ବିଦେଶରୁ ଆମଦାନୀ କରୁଥିଲେ ସୁନା, ରୂପା, କାଚର ଅଳଙ୍କାର, ଚନ୍ଦ୍ରକାନ୍ତମଣି, ସିଙ୍ଗ ପାନିଆ, ଚୀନ ଦେଶର ରେଶମୀ ବସ୍ତ୍ର, ବାଘ ନଖର ମାଳି, ହାତୀଦାନ୍ତର ଫରୁଆ ଇତ୍ୟାଦି।

ଅଧିକ ପରିବହନ ଥିବା ହାତୀ ଜାହାଜ କଳିଙ୍ଗର ଥିଲା। କଳିଙ୍ଗର ରାଜା ହାତୀ କିଣୁଥିଲେ ଓ ହାତୀ ବୋଇତରେ ହାତୀମାନଙ୍କୁ ଦେଶ ବିଦେଶକୁ ପଠାଉଥିଲେ। ଏହି ବୋଇତ ବା ଅର୍ଣ୍ଣବପୋତ ସାହାଯ୍ୟରେ କଳିଙ୍ଗ ଜାତିର ପୂର୍ବପୁରୁଷମାନେ ଦେଶ ବିଦେଶକୁ ଯିବା ଆସିବା କରି ବାଣିଜ୍ୟ ବ୍ୟବସାୟ କରୁଥିଲେ। ମାଦାଳା ପାଞ୍ଜିରୁ ଜଣାଯାଏ ଭୋଜରାଜା କାଠ ଦ୍ୱାରା ଜଳ ଜାହାଜ ନିର୍ମାଣ କରୁଥିଲେ। ଏହି ଜାହାଜ ଦୁଇ ପ୍ରକାରର, ଯଥା-ସାମାନ୍ୟ ନୌକା ଓ ବୋଇତ ବା ଅର୍ଣ୍ଣବପୋତ। ସାମାନ୍ୟ ନୌକା ୧୦ ପ୍ରକାରର। ତାହା ହେଉଛି, କ୍ଷୁଦ୍ର, ମଧ୍ୟମ, ଭୀମ, ଚପଳ, ପାଟଳ, ଦୀର୍ଘ, ଭୟା, ପତ୍ରପୁତା, ଗର୍ଭରା, ମନ୍ଥରା। ବୋଇତ ବା ଅର୍ଣ୍ଣବପୋତ ଦୁଇପ୍ରକାର-ଦୀର୍ଘା ଓ ଉନ୍ନତା। ଦୀର୍ଘା ହେଉଛି ଦଶପ୍ରକାରର ଯଥା- ଦୀର୍ଘିକା, ତରଣୀ, ଲୋଳା, ଚତ୍ୱରା, ଗାମିନୀ, ତରୀ, ଜଙ୍ଗଳା, ପ୍ଲାବିନୀ, ଧରଣୀ ଓ ବେଗିନୀ। ଉନ୍ନତା ହେଉଛି ପାଂଚ ପ୍ରକାରର। ଯଥା - ଉର୍ଦ୍ଧ୍ୱା, ଅନୁର୍ଦ୍ଧ୍ୱା, ସୁବର୍ଣ୍ଣମୁଖୀ, ଗର୍ଭିଣୀ ଓ ମନ୍ଥରା। ଏହିସବୁ ଜଳଯାନଗୁଡିକ ହାତ ମାପରେ ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ମପାଯାଇଥାଏ। ଏକ ମାସ୍ତୁଲ ଜାହାଜର ବର୍ଣ୍ଣ ନୀଳବର୍ଣ୍ଣ, ଦୁଇ ମାସ୍ତୁଲ ଜାହାଜ ପୀତବର୍ଣ୍ଣ, ତିନି ମାସ୍ତୁଲ ଜାହାଜ ରକ୍ତବର୍ଣ୍ଣ ଓ ଚାରିମାସ୍ତୁଲ ଜାହାଜ ଶ୍ୱେତବର୍ଣ୍ଣ ହୋଇଥାଏ। ଜଳଯାନର ମୁହଁ ନାନାପ୍ରକାର ଆକୃତିରେ ହୋଇଥାଏ। କୋଠରୀ ଅନୁପାତରେ ଜଳଯାନଙ୍କୁ ସର୍ବମନ୍ଦିରା, ମଧ୍ୟମନ୍ଦିରା ଓ ଅଗ୍ରମନ୍ଦିରା କୁହାଯାଉଥିଲା। ଭାରତୀୟ ନୌଯାତ୍ରା ପ୍ରାଚୀନକାଳରୁ ଆମ ପୁରାଣ, ଭାଗବତ, ମହାଭାରତ ଓ ରାମାୟଣରୁ ଜଣାଯାଏ। ଆମର ଲୋକସାହିତ୍ୟ, ଜନକ ଜାତକ, ଖୁଦୁରୁକୁଣୀ ଓଷା ଓ ଖୁଲଣା ସୁନ୍ଦରୀ କଥାରୁ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ସ୍ମୃତିଚାରଣ ହୋଇଥାଏ। ଜାହଜିଆମାନେ ଦିଗବିଦିଗ ମାନଙ୍କୁ ତାଙ୍କ ଭାଷାରେ ନାମ ଦେଇଥିଲେ, ଗାହି-ଉତର ଦିଗ, ସୋଲେଇ-ଦକ୍ଷିଣ ଦିଗ, ଡହରା-ପୂର୍ବ ଦିଗ, ପିଛାଡି-ପଶ୍ଚିମ ଦିଗ, ଗାହିମତଲେଇ-ଐଶାନ୍ୟ ଦିଗ, ବେଗଶିୟା ପିଛାଡି-ବାୟବ୍ୟ ଦିଗ, ଦକ୍ଷିଣ ପିଛାଡା- ନୈରତ ଦିଗ, ଦକ୍ଷିଣ ଡହରା-ଅଗ୍ନି ଦିଗ, ଘୋଷ- ଉର୍ଦ୍ଧ୍ୱ, ଦମନ-ତଳ। ସେମାନେ ଡାହାଣକୁ ଉଜା ଓ ବାମକୁ ଡାହୁ କହୁଥିଲେ। ସାଧାରଣତଃ କୈବର୍ତମାନେ ନୌକାଚାଳନା ଓ ନୌକା ନିର୍ମାଣର ଜ୍ଞାନକୌଶଳ ଜାଣିଥିଲେ। କୈବର୍ତମାନେ ସେମାନଙ୍କର ଇଷ୍ଟଦେବୀ ବା ବାସେଳୀଙ୍କୁ ପୂଜା କରିଥାଆନ୍ତି। ଏହି ବାସେଳି ଠାକୁରାଣୀ ଚାରିପ୍ରକାର। ଯଥା-ଦାଣ୍ଡ ବାସେଳି, ଘୋଡା ବାସେଳି, ସିଦ୍ଧ ବାସେଳି ଓ ବନ୍ଧ ବାସେଳି।

ସାଧବ ଘରର କଥା ବା ଉତ୍କଳର ଡଙ୍ଗାଭସା ବୋଇତ କଥା ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ କିଏ ନ ଜାଣେ? କାର୍ତିକ ମାସରେ ବିଦେଶରୁ ସାଧବପୁଅ ଫେରି ଆସୁଥିଲେ। ପୁଣି ପୁନର୍ବାର ପବନର ଅନୁକୂଳ ପାଗ ଦେଖି ତାହାର ଜାହାଜ ମେଲି ଦେଉଥିଲେ। ନୀଳସାଗର ବକ୍ଷରେ ନୌବାଣିଜ୍ୟର ଏହି ସ୍ମୃତି କଳିଙ୍ଗର ପରମ୍ପରା ଓ ସଂସ୍କୃତିକୁ ସମୃଦ୍ଧ କରୁଥିଲା। କାର୍ତିକ ପୂର୍ଣ୍ଣମାର ହେମାଳ ପାହାନ୍ତିରେ ଆବାଳବୃଦ୍ଧବନିତା ଡଙ୍ଗା ଉପରେ ପାନଗୁଆ ରଖି ଦୀପ ଜଳାଇ "ଆ...କା... ମା...ବ...ଇ ପାନଗୁଆ ଥୋଇ, ପାନଗୁଆ

ତୋର, ମାସକ ଧରମ ମୋର" ଉଚ୍ଚାରଣ କରି କଦଳୀ ପାଟୁଙ୍ଗାରେ ନୌକାଟିଏ ପ୍ରସ୍ତୁତ କରି ନଈ, ନାଳ ଓ ପୋଖରୀରେ ଭସାଇ ଦେଇଥାଆନ୍ତି। ଏହା କଳିଙ୍ଗ ଜାତିର ପ୍ରଗତି ପରମ୍ପରା, ବାଣିଜ୍ୟ ଓ ବ୍ୟବସାୟର ପ୍ରତୀକ ବାଲିଯାତ୍ରା ନାମରେ ନାମିତ। କଳିଙ୍ଗ ବା ଓଡିଶାର ବାଣିଜ୍ୟସ୍ଥଳି କଟକର ପିଠି ଉପରେ ଗଡଗଡିଆ ଘାଟରେ ଆଜି ଠିଆ ହୋଇଛି ବାଲିଯାତ୍ରା। ଏହି ବାଲିଯାତ୍ରା ଓଡ଼ରାଷ୍ଟ୍ରର ଚେଳିତୋଳ ବନ୍ଦରରେ ଅଷ୍ଟମ ଶତାବ୍ଦୀରେ ଖ୍ୟାତିଲାଭ କରିଥିଲା। ସମୟର ସ୍ରୋତରେ ଭାରତ ସ୍ୱାଧୀନତା ଲାଭକଲା। ସ୍ୱାଧୀନ ଭାରତରେ ମୁମ୍ବାଇ, କୋଲକାତା, ଚେନ୍ନାଇ, କୋଚି ଓ ଭାଇଜାଗ୍ ନାମରେ ପାଂଚଗୋଟି ବୃହତ୍ ବନ୍ଦର ଥିଲା। ଷଷ୍ଠ ବୃହତ୍ ବନ୍ଦର ଭାବରେ ଗୁଜରାଟର କାଣ୍ଡଲା ଓ ସପ୍ତମ ବୃହତ ବନ୍ଦର ଭାବେ ମର୍ମାଗୋଆ ସ୍ୱାଧୀନ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ ଓ ଓଡିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ୧୯୬୨ ମସିହା ଜାନୁଆରୀ ୩ ତାରିଖରେ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପନ ହୋଇଥିଲା। ୧୯୬୫ ମସିହାରେ ବନ୍ଦର ନିର୍ମାଣ କାର୍ଯ୍ୟ ଶେଷ ହେଲା ଓ ଅକ୍ଟୋବର ୧୫ରେ ପାରାଦ୍ୱୀପ ବନ୍ଦରକୁ ପ୍ରଥମ ଜାହାଜ ପ୍ରବେଶ କରିଥିଲା। ୧୯୬୬

ମସିହାରେ ଏହା ଏକ ବୃହତ୍ ବନ୍ଦର ରୂପେ ମାନ୍ୟତା ଲାଭକଲା। ଏହି ପାରାଦ୍ୱୀପ ନାମଟି ମହର୍ଷି ପରାଶରଙ୍କ ନାମରୁ ହେଉ କିମ୍ବା ପାରାବାରରୁ ପାରାଦ୍ୱୀପ ବା ପ୍ରାଚୀନ କଳିଙ୍ଗର ପାଲୋର ବନ୍ଦର କାଳକ୍ରମେ ପାରାଦ୍ୱୀପରେ ପରିଣତ ହୋଇଛି। କେହି କେହି କୁହନ୍ତି ପ୍ରଦୀପ ଶବ୍ଦରୁ ପାରାଦ୍ୱୀପ ହୋଇଛି।

ଆନ୍ତର୍ଜାତିୟ ନୌବାଣିଜ୍ୟ ଇତିହାସକୁ ପର୍ଯ୍ୟାଲୋଚନା କଲେ କଳିଙ୍ଗ ନୌବାଣିଜ୍ୟର ସ୍ୱତନ୍ତ୍ର ପ୍ରସିଦ୍ଧି ରହିଅଛି। ଏହି ନୌବାଣିଜ୍ୟର ଗାଥା ସଂସ୍କୃତି ଓ ସଭ୍ୟତାର ସ୍ମୃତିକୁ ସାଉଁଟିବାକୁ ଯାଇ ଓଡିଶାର ମହାନଦୀ ତୀର ବାଲିରେ ଯେଉଁ ମହାମିଳନର ମହାପର୍ବ ବାଲିଯାତ୍ରା ମହୋତ୍ସବ ହୁଏ ତାହା ଜାତୀୟ ସଂହତିର ମହକ ଭଳି ବୋଧ ହୁଏ। ଆଜି କାର୍ତିକ ପୂର୍ଣ୍ଣିମାରେ ମହାନଦୀର ବାଲିରେ କଟକ ବାଲିଯାତ୍ରା ଗହ ଗହ ନାଦରେ ଫାଟି ପଡୁଛି। ସମୟକ୍ରମେ ୧୯୭୨ ମସିହାରେ ପାରାଦ୍ୱୀପର ପ୍ରଥମ ବାଲିଯାତ୍ରା ଆରମ୍ଭ ହୋଇଥିଲା କିଛି ଆଂଚଳିକ ସାଂସ୍କୃତିକ ଲୋକମାନଙ୍କୁ ନେଇ। ୧୯୭୫ ମସିହାରୁ ତତ୍କାଳୀନ ବନ୍ଦର ଅଧ୍ୟକ୍ଷଙ୍କ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳିତ ହୋଇଆସୁଛି। ୧୯୮୦ ମସିହା ପର୍ଯ୍ୟନ୍ତ ଏହି ବାଲିଯାତ୍ରା ପାଳିତ ହୋଇ ପୃଷ୍ଠପୋଷକ ମାନଙ୍କର ଅଭାବରୁ ବନ୍ଦ ହୋଇଯାଇଥିଲା। ବନ୍ଦ ହୋଇଯାଇଥିବା ପାରାଦ୍ୱୀପ ବାଲିଯାତ୍ରା ପୁନର୍ବାର ଉତ୍କଳର ବରପୁତ୍ର ତଥା ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଦ୍ୱାରା ୧୯୯୨ ମସିହା ନଭେମ୍ବର ମାସ ୧୦ ତାରିଖ କାର୍ତିକ ପୂର୍ଣ୍ଣିମାରେ ଶୁଭାରମ୍ଭ ହୋଇଥିଲା। କଳିଙ୍ଗର ଐତିହାସିକ ନୌବାଣିଜ୍ୟର ଗୌରବମୟ ଜଳଯାତ୍ରାକୁ ପୁନର୍ବାର ସଂସ୍ଥାପନ କରି ବିଜୁବାବୁ ଏ ଜାତିର ଗୌରବ, ଗାରିମାକୁ ପ୍ରତିପାଦିତ କରିଥିଲେ। କଳିଙ୍ଗ ଲଳନା ସୁଶ୍ରୀ ନିବେଦିତା ଆଚାର୍ଯ୍ୟଙ୍କ ସମେତ ଆଠଜଣ ନୌଯାତ୍ରୀଙ୍କୁ ନେଇ INSY Samudra ବାଲିଦ୍ୱୀପ ଅଭିମୁଖେ ଜଳଯାତ୍ରା ଆରମ୍ଭ କରିଥିଲା। ଯାତ୍ରା କାଳରେ ସେମାନେ ବିଶାଖାପାଟନା ଚେନ୍ନାଇ, ଆଣ୍ଡାମାନ ନିକୋବର ଦ୍ୱୀପ, ସୁମାତ୍ରା, ଜାକର୍ତା ଦେଇ ଜାନୁଆରୀ ୩୦ ତାରିଖ ୧୯୯୩ ମସିହାରେ ବାଲିଦ୍ୱୀପରେ ପହଁଚିଥିଲେ। ଏହି କଳିଙ୍ଗ-ବାଲିଯାତ୍ରା ଅବସରରେ ବାଲିରେ ଆୟୋଜିତ ଓଡ଼ିଶା ଉତ୍ସବକୁ ବାଲିର ରାଜ୍ୟପାଳ ଶ୍ରୀ ଓକା ଉଦ୍‌ଘାଟନ କରିଥିଲେ। ଏଥିରେ ଇଣ୍ଡୋନେସିଆର ସମାଜ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ହାରେୟତି ସୋବାଦିଓ ଯୋଗଦେଇଥିଲେ। କଳିଙ୍ଗ ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ ଉତ୍କଳୀୟ ବଣିକମାନଙ୍କର ସମୃଦ୍ଧ ପରମ୍ପରା ଓଡିଶାର ସ୍ୱର୍ଣ୍ଣିମ ଇତିହାସରେ ଚିରକାଳ ପାଇଁ ଲିପିବଦ୍ଧ ହୋଇ ରହିବ। ଅତୀତର ସେହି ନୌବାଣିଜ୍ୟ ପରମ୍ପରା ଓଡିଆର ଭାବଧାରା, ଇତିହାସ କିମ୍ବଦନ୍ତୀ ଓ ସଂସ୍କୃତିର ଜୟ ଜୟକାର କଥା କହୁଥିବ।

-ପ୍ରାକ୍ତନ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ, ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ. ନଂ-୯୯୩୭୬୯୧୪୭୫

ଚନ୍ଦ୍ରଶେଖରପୁର ବୋଇତ ବନ୍ଦାଣ ଉତ୍ସବ: ୧୦ ଜଣଙ୍କୁ 'ସୁରକ୍ଷା ଗୌରବ ସମ୍ମାନ'

ଭୁବନେଶ୍ୱର (ପିଏନ୍): ରାଜଧାନୀର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସୁରକ୍ଷା' ପକ୍ଷରୁ ଗତକାଲି ସନ୍ଧ୍ୟାରେ 'ଚନ୍ଦ୍ରଶେଖରପୁର ବୋଇତ ବନ୍ଦାଣ ଉତ୍ସବ' ଆନୁଷ୍ଠାନିକ ଭାବେ ସ୍ଥାନୀୟ ଲୁମ୍ବିନୀ ବିହାରସ୍ଥିତ ପ୍ରୋଜେକ୍ଟ ୱାଟର ପରିସରରେ ଉଦ୍‌ଘାଟିତ ହୋଇଯାଇଛି।

ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ଉତ୍କଳୀୟ ସଂସ୍କୃତିର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି ଏବଂ ଏହାର ମହାନତାକୁ ବଜାୟ ରଖିବା ହେଉଛି ପ୍ରତ୍ୟେକଙ୍କର ନୈତିକ ଦାୟିତ୍ୱ ବୋଲି ମତପ୍ରକାଶ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବୋଇତ ବନ୍ଦାଣ କମିଟିର ସଭାନେତ୍ରୀ ତଥା ୱାର୍ଡ ନଂ. ୧୪ର କର୍ପୋରେଟର ମୋନାଲିସା ସାହୁ, ରାଜ୍ୟ ବିଜେଡିର ସାଧାରଣ ସଂପାଦକ ସୁବାସ ଚନ୍ଦ୍ର ପାତ୍ର, ବମ୍ବେ ଓଡିଆ ଆସୋସିଏସନ୍‌ର ସଭାପତି ବିପିନ୍ ବିହାରୀ ମିଶ୍ର, କେୟାର ହସ୍‌ପିଟାଲ୍ ଆସୋସିଏଟ୍ ଉପସଭାପତି ଡଃ ଲୋକନାଥ ଦାସ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ବୋଇତ ବନ୍ଦାଣ କମିଟିର ଉପଦେଷ୍ଟା ସୁଧାଂଶୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କମିଟିର ସାଧାରଣ ସମ୍ପାଦକ କେଶବ ରଣା ପ୍ରାରମ୍ଭିକ ସୂଚନା ପ୍ରଦାନ ଦେଇଥିବା ବେଳେ ନିର୍ଦ୍ଦେଶିକା ମିଲି ରଣା ସ୍ୱାଗତ ଭାଷଣ ଦେଇଥିଲେ। ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଷ୍ଠା ଅର୍ଜନ କରିଥିବା ୧୦ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ସୁରକ୍ଷା ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା।

ସକାଳ ୪ ଘଟିକା ସମୟରୁ ଶ୍ରଦ୍ଧାଳୁଙ୍କ ଦ୍ୱାରା ବୋଇତ ଭସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କର୍ପୋରେଟର ମୋନାଲିସା ସାହୁ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ସ୍ୱତନ୍ତ୍ର ବୋଇତକୁ ଭସାଇଥିଲେ।

ଏହି ଉତ୍ସବକୁ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ପଦ୍ମଲୋଚନ ସାହୁ, ରାଜେନ୍ଦ୍ର କୁମାର ମଲ୍ଲିକ, ବିଚିତ୍ରାନନ୍ଦ ରାଉତରାୟ, ଅମ୍ବିକା ପ୍ରସାଦ ପରିଡା, ଦେବ ଚୌଧୁରୀ, ନଗେନ୍ଦ୍ର କୁମାର ଧଳ, ପ୍ରଦୀପ କୁମାର ଦ୍ୱିବେଦୀ, ପ୍ରଦୀପ କୁମାର ସାହୁ, ନିହାର ରଞ୍ଜନ ପରିଡା, ସୁବାଷିଶ ପଟ୍ଟନାୟକ, ଲକ୍ଷ୍ମୀଧର ସାହୁ, ସୁକାନ୍ତ ଗିରି, ବାଳକୃଷ୍ଣ ରାଉତ, ରବିନ୍ଦ୍ରନାଥ ପଟ୍ଟନାୟକ, ସୋମବ୍ରତ ସାହୁ, ଚିତ୍ତରଂଜନ ଦାସ, କୈଳାସ ଜେନା, ପ୍ରମୋଦ କିଶୋର ପରିଡା, ରୁନୁବାଳା ପ୍ରଧାନ, ମାଳବିକା ମିଶ୍ର ଓ ଦୁଷ୍ମନ୍ତ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ପାରାଦୀପ ବନ୍ଦର ପକ୍ଷରୁ ବନ୍ଦର ଦିବସ ପାଳିତ

ପାରାଦୀପ (ପିଏନ୍)-ପବିତ୍ର କାର୍ତିକ ପୂର୍ଣ୍ଣିମା ଅବସରରେ ପ୍ରତିବର୍ଷ ପରି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି । ବନ୍ଦର ଓ୍ୱେଟ୍ ବେସିନ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବନ୍ଦର ପତାକା ଉତୋଳନ କରିଥିଲେ ବନ୍ଦରର ଅଧ୍ୟକ୍ଷ ପି.ଏଲ୍. ହରନାଦ । ବନ୍ଦର ପକ୍ଷରୁ ପ୍ରସ୍ତୁତ ବୋଇତର ସାଧବମାନଙ୍କୁ ଶୁଭ କଳସ ପ୍ରଦାନ ପରେ ବୋଇତ ଯାତ୍ରା ଆରମ୍ଭ ହୋଇଥିଲା । ସେଠାରେ ଆୟୋଜିତ ସମାରୋହରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ବନ୍ଦରର ଡେପୁଟି କଂନଜରଭେଟର କ୍ୟାପଟେନ୍ ଅଲେଖ ଚନ୍ଦ୍ର ସାହୁ । ମୁଖ୍ୟଅତିଥି ଶ୍ରୀ ହରନାଦ୍ ବନ୍ଦର ଅନ୍ତେବାସୀଙ୍କୁ ପବିତ୍ର କାର୍ତୀକ ପୂର୍ଣ୍ଣିମା ଅଭିନନ୍ଦନ ଜଣାଇଥିଲେ । ପାରାଦୀପ ବନ୍ଦରର ପଣ୍ୟକାରବାର ୧୨୫ ଏମ୍.ଏମ୍.ଟିକୁ ବୃଦ୍ଧି ପାଇଛି । ଆଗାମୀ ଦୁଇ ବର୍ଷ ମଧ୍ୟରେ ଏହା ଅଧିକ ୧୦୦ ଏମ୍.ଏମ୍.ଟି. ବୃଦ୍ଧି ପାଇବ ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ । ୨୦୪୭ ମସିହା ସୁଦ୍ଧା ପାରାଦୀପ ବନ୍ଦରର ପଣ୍ୟ କାରବାର କ୍ଷମତା ୫୦୦ ଏମ୍.ଏମ୍.ଟି.ରେ ପହଂଚିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ପାରାଦୀପ ବନ୍ଦର ଚିକିତ୍ସାଳୟରେ ନୂତନ ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାନ କରାଯାଇଛି ବୋଲି ସେ କହିଥିଲେ । ଏହି ଉତ୍ସବରେ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ୍ ବନ୍ଦରର ବିକାଶରେ ମେରାଇନ୍ ବିଭାଗ ଭୂମିକାର ଉଚ୍ଚ ପ୍ରଶଂସା କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସଚିବ ଡ.ପି.ଏନ୍.ବାହେକର ।

ଭିତରକନିକାର ସୁରକ୍ଷା ପାଇଁ 'ଆହ୍ୱାନ' ପକ୍ଷରୁ ଆଲୋଚନାଚକ୍ର

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ପରିବେଶ ଓ ସମାଜ ସଂସ୍କାର ମଞ୍ଚ 'ଆହ୍ୱାନ' ପକ୍ଷରୁ ପରିବେଶ ଓ ଭିତରକନିକାର ସୁରକ୍ଷା ସମ୍ପର୍କରେ ଏକ ଆଲୋଚନାଚକ୍ର ସମାଜସେବୀ ତଥା ଆହ୍ୱାନର ସଭାପତି ଆଦିକନ୍ଦ ରାଉଳଙ୍କ ପୌରୋହିତ୍ୟରେ କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ ମଞ୍ଚରେ ପ୍ରଥମ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ପରିବେଶବିତ୍ ହେମନ୍ତ ରାଉତ ଯୋଗଦେଇ ପ୍ରତି ୩ ଘଣ୍ଟାରେ ଗୋଟିଏ ଦିନ ବିଶ୍ୱରୁ ଲୋପ ପାଇଯାଉଛି ବୋଲି କହିଥିଲେ। ସମୟ ଆସିବ ଜୀବଜନ୍ତୁ ଲୋପ ପାଇଯିବେ। ଦିନ ଆସିବ ସାରା ପୃଥିବୀ ଦିନେ ସାଇବେରିଆ ମରୁଭୂମିରେ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୨, ନଭେମ୍ବର ୧୦

ଧାମନଗରର ସନ୍ଦେଶ

ବହୁଚର୍ଚ୍ଚିତ ଭଦ୍ରକ ଜିଲ୍ଲାର ଧାମନଗର ବିଧାନସଭା ଆସନରେ ଉପ-ନିର୍ବାଚନ ଫଳାଫଳ କେବଳ ଶାସକ ବିଜେଡିକୁ ଶକ୍ତ ଧକ୍କା ଦେଇନାହିଁ, ଉପ-ନିର୍ବାଚନରେ ଦଳର କ୍ରମାଗତ ବିଜୟଧାରାକୁ ରୋକିବାରେ ସମର୍ଥ ହୋଇଛି ବୋଲି ନିଃସନ୍ଦେହରେ କୁହାଯାଇପାରିବ। କେବଳ ଏତିକି ନୁହେଁ, ଗତ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ମାତ୍ର ୪ହଜାର ଭୋଟରେ ବିଜେପି ପ୍ରାର୍ଥୀଙ୍କଠାରୁ ପରାସ୍ତ ହୋଇଥିବାବେଳେ ଉପ-ନିର୍ବାଚନରେ ଏହାଠାରୁ ଦୁଇଗୁଣରୁ ଅଧିକ ଭୋଟରେ ପରାଜିତ ହୋଇଛନ୍ତି। ୨୦୧୯ରେ ମୋଟ ମତଦାନ ହାର ୭୫ ପ୍ରତିଶତ ପାଖାପାଖି ଥିବାବେଳେ ଏଥର ୬ ପ୍ରତିଶତ କମ୍ ମତଦାନ ହାର ଥାଇ ଶାସକ ବିଜେଡି ପ୍ରାର୍ଥୀଙ୍କୁ ବିଜେପି ପୂର୍ବଠାରୁ ଦୁଇଗୁଣ ଭୋଟ ବ୍ୟବଧାନରେ ପରାଜିତ କରିବା ଏହା ବିଜେପିର ଲୋକପ୍ରିୟତାର ପ୍ରମାଣ ନା ବିଜେଡିର ତ୍ରୁଟିପୂର୍ଣ୍ଣ ରଣକୌଶଳ, ଏହା ଆତ୍ମସମୀକ୍ଷାରୁ ହିଁ କହିହେବ। କିନ୍ତୁ ଏହା ନିଶ୍ଚିତ ଯେ, ବିଜେପି ସପକ୍ଷରେ ମତଦାନ ହାର ୪୯.୦୯% ଥିବାବେଳେ ବିଜେଡି ସପକ୍ଷରେ ମତଦାନ ହାର ୪୩.୦୫% ରହିଛି। ଏପରିକି ବିଜେଡିର ବିଦ୍ରୋହୀ ତଥା ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଥିବା ମତଦାନ ହାର ମିଶିଲେ ମଧ୍ୟ ବିଜେପିର ମତଦାନ ହାରକୁ ଟପିପାରିନାହିଁ। ସେହିପରି ବିଜେଡି ପ୍ରାର୍ଥୀ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ ମିଶିଲେ ମଧ୍ୟ ବିଜେପି ପ୍ରାର୍ଥୀଙ୍କ ଭୋଟଠାରୁ ପଛରେ ରହିଛି।

ଭୋଟ ହାର ବୃଦ୍ଧି ବିଜେପିର ଲୋକପ୍ରିୟତା ବୃଦ୍ଧିର ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଧାମନଗରରେ ବିଜେଡିର ପ୍ରାର୍ଥୀ ପରାଜୟ ପାଇଁ ପ୍ରାର୍ଥୀଚୟନଜନିତ ତ୍ରୁଟି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିଜେଡି ମହିଳା କାର୍ଡ ଖେଳି ଦଳର ସଂଗଠନକୁ ଦୀର୍ଘ ବର୍ଷ ବର୍ଷ ଧରି ସମ୍ଭାଳିଥିବା ପୁରୁଖା ନେତା ତଥା ପୂର୍ବତନ ବିଧାୟକଙ୍କୁ ଅଣଦେଖା କରିବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି ବୋଲି କହିଲେ ହୁଏତ ଭୁଲ ହୋଇ ନ ପାରେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ପ୍ରଚାରକୁ ନଯାଇ ଆଭାସି ଜରିଆରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିବା ଏବଂ ପ୍ରାର୍ଥୀ ଚୟନ କ୍ଷେତ୍ରରେ ନିଜେ କୌଣସି ନିଷ୍ପତି ନଦେବା ଦଳର ପରାଜୟର କାରଣ ହୋଇଥିବା ନେଇ ହେଉଥିବା ଚର୍ଚ୍ଚାକୁ ଅଣଦେଖା କରାଯାଇ ନ ପାରେ। କହିବା ବାହୁଲ୍ୟ ଯେ, ପ୍ରତି ନିର୍ବାଚନରେ ନବୀନ ହିଁ ଦଳୀୟ ପ୍ରାର୍ଥୀତ୍ୱ ସମ୍ପର୍କରେ ନିଜେ ନିଷ୍ପତି ନେଉଥିବାବେଳେ ଧାମନଗରରେ ପ୍ରାର୍ଥୀ ଚୟନ ଯୁବ ନେତୃତ୍ୱ ଉପରେ ଛାଡିଦେଇଥିଲେ ବୋଲି କୁହାଯାଇଛି। ସେହିପରି ନିର୍ବାଚନ ପରିଚାଳନା ଏବଂ ପ୍ରଚାର ଅଭିଯାନରେ ନିଜେ ସାମିଲ ନହୋଇ ଯୁବନେତାମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ। ଭୋଟରଙ୍କୁ ପ୍ରଭାବିତ କରିବାରେ ଯୁବନେତୃତ୍ୱ ଯେ ସମ୍ପୂର୍ଣ୍ଣ ବିଫଳ ହୋଇଛି, ଏଥିରେ ସନ୍ଦେହ କରାଯାଇ ନ ପାରେ। ସେହିପରି ନବୀନ ଯେ ଦଳକୁ ଜିତାଇବା ପାଇଁ ଏକମାତ୍ର ସମର୍ଥ, ଏହା ପ୍ରମାଣିତ ହୋଇଛି। ୨୦୦୦ ମସିହାଠାରୁ ବର୍ତମାନ ସୁଦ୍ଧା ସମସ୍ତ ନିର୍ବାଚନରେ ଦଳର ପ୍ରାର୍ଥୀ ମନୋନୟନ ନିଜେ ବିଜେଡି ସୁପ୍ରିମୋ କରିଆସୁଥିବା ବେଳେ ଏଥର ଯୁବନେତୃତ୍ୱଙ୍କ ଉପରେ ଭରସା କରିଥିଲେ। ତେବେ ତାଙ୍କ ବ୍ୟତିରେକ ଅନ୍ୟ କେହି ଦଳ ପାଇଁ ଅଧିକ ଭୋଟ ସଂଗ୍ରହକାରୀ ହୋଇପାରିବେ ନାହିଁ। ଧାମନଗର ଫଳାଫଳ ଏହି ସନ୍ଦେଶ ଦେଇଛି ବୋଲି କୁହାଯାଇପାରେ। ଆହୁରି ମଧ୍ୟ ମହିଳା ଭୋଟ ଉପରେ ବିଜେଡିର ଅତିଶୟ ନିର୍ଭରଶୀଳ ବିଫଳ ପ୍ରମାଣିତ ହୋଇଛି। ବିଜେଡି ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଥିବାବେଳେ ଏବଂ ପୁରୁଷ ଭୋଟଦାତାଙ୍କ ତୁଳନାରେ ମହିଳା ଭୋଟଦାତାଙ୍କ ସଂଖ୍ୟା ୮ହଜାରରୁ ଅଧିକ ଥିବା ସତ୍ତ୍ୱେ ୯ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଦଳର ପ୍ରାର୍ଥିନୀ ପରାଜିତ ହେବା ମହିଳାଙ୍କ ଭୋଟ ଯେ ବିଜେଡି ସପକ୍ଷରେ ଯାଇନାହିଁ, ଫଳାଫଳ ଏହି ସନ୍ଦେଶ ଦେଇଛି। ଅନ୍ୟପକ୍ଷରେ ବିଜେପି ଉପଯୁକ୍ତ ପ୍ରାର୍ଥୀ ମନୋନୟନ ଏବଂ ଦଳର କର୍ମକର୍ତାମାନଙ୍କ ମିଳିତ ଉଦ୍ୟମ ଦଳ ପାଇଁ ସଫଳତା ଆଣିଦେଇଛି, ଏହା ସ୍ୱୀକାର କରିବାକୁ ହେବ। ଠିକ୍ ସମୟରେ ଠିକ୍ ନିଷ୍ପତି ନେଇ ବାଲେଶ୍ୱର ପରାଜୟର ଯଥାର୍ଥ କ୍ଷତ ବିଜେପି ଭରଣା କରିପାରିବା ସହ ଆଗାମୀ ଦିନରେ ବିଜେଡିର ଯଥାର୍ଥ ମୁକାବିଲା କରିପାରିବ, ଉପ-ନିର୍ବାଚନ ଫଳାଫଳ ଏହି ସନ୍ଦେଶ ଦେଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବନାହିଁ। ଏଥର ଉପ-ନିର୍ବାଚନରେ କଂଗ୍ରେସର ନେତୃବର୍ଗ ଯେପରି ଏକାଠି ହୋଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି, ଗୋଷ୍ଠୀଗତ ବିବାଦକୁ ଭୁଲି ମିଳିତ ଭାବେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଲାଗି ପଡିଥିଲେ, ଭବିଷ୍ୟତରେ ଦଳ ପାଇଁ ଏହା ଶୁଭଙ୍କର ହେବ, ଏହି ସଂକେତ ମଧ୍ୟ ଧାମନଗର ଉପ-ନିର୍ବାଚନ ଦେଇଛି ବୋଲି ସ୍ୱୀକାର କରିବାକୁ ହେବ। ଏହା ସତ୍ୟ ଯେ, ବିଧାନସଭା ଓ ଲୋକସଭା ନିର୍ବାଚନ ଆଉ ମାତ୍ର ଦେଢବର୍ଷରୁ କମ୍ ସମୟ ବାକି ଥିବାବେଳେ ଉପ-ନିର୍ବାଚନ ଫଳାଫଳ ଏହାକୁ ପ୍ରଭାବିତ କରିବା ମନେହୁଏ ନାହିଁ। ଏହାସତ୍ତ୍ୱେ ପରାଜିତ ହୋଇଥିବା ଶାସକ ବିଜେଡି ଏବଂ କଂଗ୍ରେସ ପାଇଁ ଏବେ ଆତ୍ମସମୀକ୍ଷାର ବେଳ ଆସିଛି, ଏଥିରେ କୌଣସି ସନ୍ଦେହ ନାହିଁ।

ସୌଭାଗ୍ୟରଂଜନ ମହାନ୍ତି (ରାଜା), ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

ଆଜିର ଅନୁଚିନ୍ତା

ଜନ୍ମ ପୂର୍ବରୁ ତ' ଏ ଦେହ ତୁମ୍ଭର ନଥିଲା, ମୃତ୍ୟୁ ପରେ ତ' ଏହା ତୁମ୍ଭର ହେବ ନାହିଁ, ଏବେ ତାହା ତୁମର ବୋଲି ଭାବୁଛ କିପରି ?

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ଧର୍ମ ଓ ବିଜ୍ଞାନ ବିଶ୍ୱାସରୁ ସୃଷ୍ଟି

ବିଶ୍ୱାସରେ ସଂସାର ଚଳେ, ବିଶ୍ୱାସରୁ ଜାତ ହୁଏ ବନ୍ଧୁତା ଓ ମମତା। ପରେ ରୂପାନ୍ତରିତ ହୁଏ ଏହା ଦୟା, କ୍ଷମା, ପ୍ରେମ ଓ ଅହିଂସାରେ। ମାନବର ଏହି ଦିବ୍ୟଗୁଣ ସଂସାରକୁ ସୁଖମୟ କରେ। ମନେହୁଏ ଶରୀରରେ ନିଃଶ୍ୱାସ ପ୍ରଶ୍ୱାସ ଚାଲିଥିବା ଯାଏ ବିଶ୍ୱାସ ଆସ୍ଥାନ ଜମାଇଥିବ। ଏଥିପାଇଁ ବିଜ୍ଞଲୋକେ କହନ୍ତି, "ବିଶ୍ୱାସେ ମିଳନ୍ତି ହରି, ତର୍କେ ବହୁଦୂର"। ବାବା, ମାତା, ଗୁରୁ, ଜ୍ୟୋତିଷ ସମସ୍ତେ ଏହି ବିଶ୍ୱାସର ମହିମା ଗାନ କରନ୍ତି। ଏପରିକି ଉଚ୍ଚ ଉପାଧିଧାରୀ ଡାକ୍ତର କହନ୍ତି "ଆମକୁ ବିଶ୍ୱାସ ନ କଲେ ରୋଗ ଭଲ ହେବନି, ଆମ ଔଷଧ ପୂରା ଫଳ ଦେବନି"। ରୋଗୀ ବି କହେ, "ଡାକ୍ତରଙ୍କ ହାତ ଭଲ"। ଏହି ଭଲ ହାତଟି ହେଲା ଏକ ବିଶ୍ୱାସ। ସେହି ବିଶ୍ୱାସ ଟିକକ ଜନ୍ମାଇ ନପାରିଲେ ଡାକ୍ତର ହାତ ବାନ୍ଧି ବସନ୍ତି। ତାଙ୍କ ବିଦ୍ୟା ଓ ଉପାଧି କାମ କରେନା। ବରଂ ଲୋକେ କହନ୍ତି, ତାଙ୍କ ହାତ ବାଜିଲେ ରୋଗ ବଢିଯାଏ। ବୈଜ୍ଞାନିକମାନେ କହନ୍ତି ଏସବୁ ଅନ୍ଧବିଶ୍ୱାସ। ନାନା ରୂପରେ ଆମ ସମାଜରେ ଆସ୍ଥାନ ଜମାଇ ରହିଛି।

ଯାହା ହେଉନା କାହିଁକି ଧର୍ମ ଓ ବିଜ୍ଞାନର ଉତ୍ପତି ଏକ ବିଶ୍ୱାସରୁ। ରବିବାର ଗୀର୍ଜାକୁ ଗଲେ, ଶୁକ୍ରବାର ମସଜିଦ୍‌ରେ ନମାଜ ପଢିଲେ କି ସୋମବାର ମନ୍ଦିରରେ କ୍ଷୀର ଢାଳିଲେ ପୂଣ୍ୟ ହୁଏ, ଏହା ବିଭିନ୍ନ ସଂପ୍ରଦାୟର ପ୍ରଚଳିତ ବିଶ୍ୱାସ। କେଉଁ ଯୁଗରୁ ତାହା ଚଳି ଆସୁଛି। ଏଥିପାଇଁ ଯିଏ ପରୀକ୍ଷା ବା ପ୍ରମାଣ ଖୋଜିଛି ତାକୁ ବିଧର୍ମୀ କୁହାଯାଇଛି। ଏ ପ୍ରଥାକୁ ସନ୍ଦେହ କରିବା ମଧ୍ୟ ପାପ ବୋଲି ବିବେଚିତ।

ସେହିପରି ବିଜ୍ଞାନ ମଧ୍ୟ ଏକ ବିଶ୍ୱାସରୁ ଆରମ୍ଭ ହୁଏ। ବୈଜ୍ଞାନିକ ଭାଷାରେ ତାହା ପ୍ରକଳ୍ପ (Hypothesis) ବା ସ୍ୱୀକାର (Assumption)। ପ୍ରକଳ୍ପ ବା ସ୍ୱୀକାର ବୈଜ୍ଞାନିକର ଏକ ଧାରଣା ବା ବିଶ୍ୱାସରୁ ଜାତ ହୁଏ। ବିଭିନ୍ନ ପ୍ରାକୃତିକ ଘଟଣା ପର୍ଯ୍ୟବେକ୍ଷଣ କରି କିମ୍ବା ମାନସିକ ସ୍ତରରେ ପର୍ଯ୍ୟାଲୋଚନା କରି ବିଶ୍ୱାସ ନ ଜନ୍ମିଲେ ବୈଜ୍ଞାନିକ କେବେ ପ୍ରକଳ୍ପ ବା ସ୍ୱୀକାର ପାଖରେ ପହଂଚିପାରେ ନାହିଁ। ଜଣେ ସାଧାରଣ ମଣିଷ କେବଳ ଲୋକଶୁଣା କଥାରେ ଢଳିଯାଇ ତଥାକଥିତ ସାଧୁବାବାଙ୍କ ମହିମା ବା ଠାକୁରଙ୍କ ପ୍ରଭାବର ସ୍ତାବକ ପାଲଟିଯାଏ।

ଧର୍ମ ଓ ବିଜ୍ଞାନ ଉଭୟ ବିଶ୍ୱାସରୁ ଉତ୍ପନ୍ନ ହୋଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ତଫାତ୍ ରହିଛି। ବିଜ୍ଞାନର ସ୍ୱୀକାର ବା ପ୍ରକଳ୍ପରୁ ନିଷ୍ପନ୍ନ ସିଦ୍ଧାନ୍ତ ବାରମ୍ବାର ପରୀକ୍ଷା କରାଯାଏ। ପ୍ରକୃତିରେ ଗବେଷଣାଗାରର କୃତ୍ରିମ ପରୀକ୍ଷାରେ ସତ କଥା ଜଣାପଡିଲେ ତାହା ବୈଜ୍ଞାନିକ ନିୟମ (Law) ଅନ୍ତଃତ ହୁଏ। ତାହା ନ ହେଲେ ମୂଳ ସ୍ୱୀକାର ବା ପ୍ରକଳ୍ପ ତଥ୍ୟ ଖାଇଯାଏ।

କିନ୍ତୁ ଧର୍ମରେ ପରୀକ୍ଷା ବା ସନ୍ଦେହର ସ୍ଥାନ ନାହିଁ। ଧର୍ମ ବିଶ୍ୱାସରୁ ବିଚ୍ୟୁତ ହୁଏ ନାହିଁ। କାହିଁକି ଏପରି ବିଶ୍ୱାସ କରିବୁ ପ୍ରଶ୍ନ ପଚାରିବା ପାପ। ଜଣେ ଗୁରୁଙ୍କ ସହ ନ ମିଳିଲେ ଅନ୍ୟ ଗୁରୁ ଖୋଜ। ଯେଉଁ ଗୁରୁଙ୍କ ସହିତ ମିଳିଲା ନାହିଁ ତାଙ୍କ ନିନ୍ଦା ଗାଇଲେ କେହି ଶୁଣିବେ ନାହିଁ। କେବଳ ନିନ୍ଦୁକ ଆଖ୍ୟା ହିଁ ସାର ହେବ। ଗୁରୁ ମହିମାକୁ ପରୀକ୍ଷା କରାଯାଏ ନାହିଁ। ଭକ୍ତଙ୍କ ଜୟ ଗାନ ଓ ବିହ୍ୱଳିତ କୋଳାହଳ ମଧ୍ୟରେ ବିଦ୍ରୋହୀ ଶିଷ୍ୟଙ୍କ ନିଶ୍ଚିହ୍ନ ହୋଇଯାଏ।

କିନ୍ତୁ ବିଜ୍ଞାନର ସ୍ୱତନ୍ତ୍ରତା ହେଲା, ଯାହାକୁ ଆଧାର ସେ ଗଢିଉଠେ, ସେହି ଆଧାରର ସଂଗଠିତ ମଧ୍ୟ ପରୀକ୍ଷା ସେ କରିବସେ। ନିଉଟନଙ୍କ ଗତି ନିୟମ, ତାପ ଗତି ବିଜ୍ଞାନ ନିୟମ; ଆଇନଷ୍ଟାଇନଙ୍କ ଆପେକ୍ଷିକବାଦ କ୍ୱାଟଂମ୍ ନିୟମ ପ୍ରତ୍ୟେକ ଏକ ପ୍ରକାର ସ୍ୱୀକାରରୁ ପ୍ରଣୀତ;ଏବେ ବି ସେଗୁଡିକ ବିଭିନ୍ନ ପରୀକ୍ଷାର ସମ୍ମୁଖୀନ। ବିଜ୍ଞାନର ନିୟମ ଏକ ଉଦାରତା ପରିସର ମଧ୍ୟରେ ନିରନ୍ତର ପରିବର୍ତିତ ଓ ପରିମାର୍ଜିତ ହୋଇଲାଗିଛି ଓ ଲାଗିଥିବ। ଅବଶ୍ୟ ସେଗୁଡିକ ମଧ୍ୟରୁ ଅନେକ ରୀତିସିଦ୍ଧ ସତ୍ୟରେ ପରିଣତ ହୋଇଗଲାଣି। ତଥାପି ସ୍ଥଳବିଶେଷରେ ନୂତନ ଆବିଷ୍କାର ଓ ଉଦ୍ଭାବନ ନିକଟରେ ତାହା ଆହ୍ୱାନର ସମ୍ମୁଖୀନ। ବିଖ୍ୟାତ ବୈଜ୍ଞାନିକଙ୍କ ପ୍ରତିଷ୍ଠିତ ତତ୍ତ୍ୱ ବି ଜଣେ ସାଧାରଣ ଗବେଷକଙ୍କ ପରୀକ୍ଷାର ସମ୍ମୁଖୀନ ହୁଏ। ଏଠି ସ୍ଥାନ, କାଳ, ପାତ୍ରର ବିଚାର ନାହିଁ। ଯୁକ୍ତରାଷ୍ଟ୍ର ଆମେରିକାର ଆବିଷ୍କାର ବାଂଲାଦେଶର ପରୀକ୍ଷାରେ ବି କାଟ ଖାଇପାରେ। କିନ୍ତୁ ଧର୍ମ କ୍ଷେତ୍ରରେ ପ୍ରତିଷ୍ଠିତ ମହାତ୍ମାଙ୍କ ବାଣୀର ପ୍ରତିବାଦ ଅସମ୍ଭବ।

ବିଜ୍ଞାନ ମତରେ ପ୍ରଥାକୁ ପାଥେୟ କରି ଯେଉଁ ଧର୍ମ ଗଢିଉଠିଲା ତାହା ପାରମ୍ପରିକ ଧର୍ମ। ଏକ ପରମ୍ପରା ଅନୁସରଣ କରି, ବିଶ୍ୱାସର ବଶବର୍ତୀ ହୋଇ ଗୋଷ୍ଠୀ ଓ ସମ୍ପ୍ରଦାୟ ଗଢିଉଠିଲା। ସେଥିରୁ ଜାତ ହେଲା ଗୋଷ୍ଠୀକନ୍ଦଳ ଓ ସାମ୍ପ୍ରଦାୟିକ ଦଙ୍ଗା, ରକ୍ତାକ୍ତ ସଂଘର୍ଷ ଓ ଉଗ୍ରବାଦ। ଧର୍ମଗୁରୁ ଓ ବଡପଣ୍ଡାମାନେ ହେଲେ ଏ ନରମେଧ ଯଜ୍ଞର ପୁରୋଧା।

ଏମାନଙ୍କ ବିଚାରରେ ବିଜ୍ଞାନ ଈଶ୍ୱରବିଶ୍ୱାସ କମାଇଦିଏ। ବିଜ୍ଞାନର ଚମତ୍କାରିତାରେ ବିହ୍ୱଳ ବସ୍ତୁବାଦୀମାନେ ଅନୈତିକ, ଅମଣିଷ, ସ୍ୱାର୍ଥପର ଓ ଆତ୍ମକୈନ୍ଦ୍ରିକ। ଅଥଚ ଧର୍ମପୀଠ ଗଳିକନ୍ଦିରେ ମୁଣ୍ଡ ଟେକୁଛି। ଯାତ୍ରାଯାତ୍ରା ନୂଆ ଢଙ୍ଗରେ ଦାଦା ଓ ମୁଖିଆଙ୍କ ହେପାଜତରେ ସପ୍ତାହ ସପ୍ତାହ ପାଳିତ ହେଉଛି। ଆଗେ ଆଙ୍ଗୁଠିରେ ଗଣିହେଲାଭଳି ମୁନିଋଷି ବଣରେ ଆଶ୍ରମ କରି ରହୁଥିଲେ। ଏବେ ଅପରିମିତ ବାବା ବିଦ୍ୟାଳୟ, ଖେଳପଡିଆ, ଦେବାଳୟ ପ୍ରାଙ୍ଗଣରେ ବୁଲି ବୁଲି ପ୍ରବଚନ ଶୁଣାଉଛନ୍ତି। କିନ୍ତୁ ସେ ତୁଳନାରେ ନୈତିକତାର ପ୍ରଗତି ନାହିଁ? ଯେତେ ଲୋକ ପ୍ରବଚନ ଶୁଣନ୍ତି ଓ ଯେତେ ଶିଷ୍ୟ ଏ ଦେଶରେ ଅଛନ୍ତି ତାହାର କେତେକାଂଶ ଯଦି ନୀତିବାଦୀ ଓ ମାନବବାଦୀ ହୁଅନ୍ତେ, ଶିଷ୍ୟ ଓ ଅନୁଗତଙ୍କ ସଙ୍ଗେ ତାଳ ଦେଇ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ପୁଲିସଙ୍କ ସଂଖ୍ୟା ବଢନ୍ତା ନାହିଁ।

ଏ ପାପବର୍ତରୁ ନିସ୍ତାର ପାଇବାର ଏକମାତ୍ର ଉପାୟ ହେଲା ମାନବବାଦୀ ଧର୍ମାତ୍ମାମାନଙ୍କର ଉପଦେଶ ଅନୁସରଣ କରିବା। ସେମାନଙ୍କ ମତରେ ପ୍ରକୃତଧର୍ମ ବା ଆଧ୍ୟାତ୍ମବାଦ ପାରମ୍ପରିକ ଧର୍ମଠାରୁ ବହୁ ଊର୍ଦ୍ଧ୍ୱରେ। ଏହା ମାନବସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ସତ୍ୟ, ଅହିଂସା ଓ ପ୍ରେମ ତା'ର ଭିତିପ୍ରସ୍ତର। ଆସ୍ତିକତା ବା ନାସ୍ତିକତା ଧାର୍ମିକତାର ମାପକାଠି ନୁହେଁ। ସ୍ୱାମୀ ବିବେକାନନ୍ଦଙ୍କ ପରି ଧର୍ମାତ୍ମା କହିଛନ୍ତି, "ଅନେକ ନାସ୍ତିକ ଲୋକଙ୍କୁ ମୁଁ ଦେଖିଛି, ସେମାନଙ୍କର ଦୃଷ୍ଟିଭଙ୍ଗୀ ଓ ଆଧ୍ୟାତ୍ମିକତା ଆମର ତଥାକଥିତ ଧାର୍ମିକ ତଥା ଆସ୍ତିକଙ୍କ ଅପେକ୍ଷା ମହତର।" ଆଇନଷ୍ଟାଇନ ବିଜ୍ଞାନ ସହିତ ଯେଉଁ ଧର୍ମର ସମନ୍ୱୟ କରିବାକୁ ଚାହୁଁଥିଲେ ତାହା ଅନ୍ଧବିଶ୍ୱାସରୁ ଉତ୍ପନ୍ନ ନୁହେଁ। ଦାର୍ଶନିକ ସ୍ପିନୋଜାଙ୍କ ଈଶ୍ୱର ଥିଲେ ତାଙ୍କ ଈଶ୍ୱର। ସାଧାରଣଙ୍କ ପକ୍ଷେ ତାଙ୍କୁ ଅନୁସରଣ କରିବା କଷ୍ଟକର ହେଲେ ମଧ୍ୟ ତାହା ଅନୁସରଣୀୟ।

ନରକ, ବୈକୁଣ୍ଠ, ପୂର୍ବଜନ୍ମ ଓ ପରଜନ୍ମର ଆତଙ୍କ ଖେଳାଇ, ସର୍ବସାଧାରଣଙ୍କୁ ମିଥ୍ୟା ଭୟ ଦେଖାଇ ବିଜ୍ଞାନଯୁଗରେ ଆମେ ଧାର୍ମିକତା ପ୍ରସାର କରିପାରିବା ନାହିଁ। ସେମାନେ ନିର୍ଭୟରେ ଠାକୁରାଣୀଙ୍କ ସୁନା ଆଖି ତାଡିନେବେ, ତାଙ୍କ ମୁଣ୍ଡ ମୋଡି ମୁକୁଟ ଝିଙ୍କିନେବେ, ବିଷ୍ଣୁ ପ୍ରତିମାକୁ ତରଳାଇ ଧାତୁ ମୂଲ୍ୟରେ ବିକି ଚାଉଳ କିଣିବେ। ଆମର ବ୍ୟାଖ୍ୟା ଓ କର୍ମ ବିଜ୍ଞାନସମ୍ମତ ହୋଇ ଯୁବ ସମାଜର ଅନ୍ତରକୁ ସ୍ପର୍ଶ କରିବା ଉଚିତ।

ସରଳଭାବେ ବିଶ୍ୱାସ କରିଗଲେ ଏ ସଂସାରରେ ଠକି ହେବା ନିଶ୍ଚିତ। ପ୍ରତି କଥାକୁ ପରୀକ୍ଷା ନିରୀକ୍ଷା କରିବା ପାଇଁ ଏକ ବୈଜ୍ଞାନିକ ମନୋଭାବ ଲୋଡା। ଏପରି ମାପଚୁପ କଲେ ସହଜରେ କିଛି ଗ୍ରହଣ କରିହୁଏ ନାହିଁ। ସନ୍ଦେହ ଉପୁଜେ। ଏ ପ୍ରକାର ସନ୍ଦେହ କାମ୍ୟ। ନିଆଁ ଆସିବା ପୂର୍ବରୁ ଧୂଆଁ ଜନ୍ମେ। ଅର୍ଜୁନଙ୍କ ସନ୍ଦେହରୁ "ଗୀତା"ର ଉତ୍ପତି। ଉଦ୍ଧବଙ୍କ ପ୍ରଶ୍ନରୁ "ଭାଗବତ" ସୃଷ୍ଟି।

ଜ୍ଞାନ ସନ୍ଦେହରୁ ଜାତ ହୁଏ। ସନ୍ଦେହ ଜ୍ଞାନାର୍ଜନର ପ୍ରଥମ ସୋପାନ। କେବଳ ଜ୍ଞାନୀର ସନ୍ଦେହ ଜାତ ହୁଏ। କିଛି ନ ଜାଣିଥିଲେ କ'ଣ ସନ୍ଦେହ କରିବ? ଯେଉଁମାନେ ସନ୍ଦେହୀ ମନକୁ ଘୃଣା କରନ୍ତି ତାଙ୍କର ଅନ୍ୟ କିଛି ଉଦ୍ଦେଶ୍ୟ ଥାଏ। ବିଶ୍ୱାସ ଜରିଆରେ ହିଁ ଲୋକଙ୍କୁ ଭଣ୍ଡେଇ ହୁଏ। ପାରମ୍ପରିକ ଧର୍ମକୁ ପୁଞ୍ଜିକରି ଅନେକ ଜୀବିକା ଚଳାନ୍ତି। ତେଣୁ ବୈଜ୍ଞାନିକ ରୀତିରେ ଧର୍ମ ପରିବର୍ତିତ ହେବା ସ୍ୱାଭାବିକ। ସମସ୍ତେ ବୁଝିବା ଉଚିତ ଜୀବର ଆଚରଣ ହିଁ ଧର୍ମ। ଧର୍ମ ଓ ବିଜ୍ଞାନ ବିଶ୍ୱାସ ସହିତ ଅଙ୍ଗାଙ୍ଗୀଭାବେ ଜଡିତ।

—ଉମାଶଙ୍କର ପ୍ରସାଦ
ମୋ: ନଂ-୬୩୭୦୬୭୫୫୬୨

ରଥୀ, ମହାରଥୀ ଓ...

ଆଚରଣ ଓ ଉଚ୍ଚାରଣ
••ଦାସେ••

ସେଦିନ ଜଣେ ଅଭିଭାବକ ଦେଖାହେଲେ। ଭାରି ବ୍ୟସ୍ତ ଥିଲା ପରି ଲାଗୁଥିଲେ ଯେହେତୁ ଗୋଟେ କାଗଜଖଣ୍ଡକୁ ହାତରେ ଧରି ମୋତେ ଦେଖାଇବେ କି ନାହିଁ ଦ୍ୱନ୍ଦ୍ୱରେ ରହିଥିଲେ। ପଚାରିଲି, 'ହାତରେ ସେ କାଗଜଟା କି କାଗଜ କି?' କହିଲେ, ନା,

ମୟୂରଭଞ୍ଜ ଜିଲ୍ଲା ହେତୁବାଦୀ ଚୃପଲ ମାଡ ଓ କୁଶ ପୁତ୍ତଳିକା ଦାହ

ବାରିପଦା,(ପି.ଏନ): ଓଡିଶା ମନ୍ଦିର ସେବାୟତ ସଙ୍ଘ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଜଗନ୍ନାଥ ମନ୍ଦିର ସମ୍ମୁଖରେ ହେତୁବାଦୀ ମାନଙ୍କୁ ଚୃପଲରେ ମରିବା ପରେ ସେମାନଙ୍କର କୁଶ ପୁତ୍ତଳିକା ଦାହ କରାଯାଇଛି, ଗତକାଲି ହେତୁବାଦୀ ମାନେ ଜଗନ୍ନାଥଙ୍କ ନିକଟରେ ଆମିଷ ଭୋଗ ଲଗାଇବା କଟୁ ମନ୍ତବ୍ୟ ଦେବା ସେହିପରି , ରାମାୟଣ ରେ ରାମ ସୀତା ଲକ୍ଷ୍ମଣ ଙ୍କୁ ନେଇ କଟୁ ମନ୍ତବ୍ୟ କୁ ଘୋର ବିରୋଧ କରି ନିନ୍ଦା କରିବା ସହିତ ସେମାନଙ୍କ କୁଶ ପୁତଳିକା ଦାହ କରିଛି ରାଜ୍ୟ ମନ୍ଦିର ସେବା ୟତ ସଙ୍ଘ, ହେତୁ ବାଦୀ ମାନଙ୍କ ପଛରେ ବିଦେଶ ଟଙ୍କା ଖର୍ଚ୍ଚ କରାଯାଇ ଧର୍ମନ୍ତି କରଣ କରାଯାଉଥିବା ରାଜ୍ୟ ମନ୍ଦିର ସେବା ସଙ୍ଘଟନ ସଭାପତି କାମେଶ୍ୱର ତ୍ରିପାଠୀ ଅଭିଯୋଗ ଆଣିଛନ୍ତି, ତେବେ ବିରୋଧ ଜାରି ରହିବ ବୋଲି କହିଛନ୍ତି ।

ନାବାଳିକା ଝିଅକୁ ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ, ମାଟି ତଳୁ କଙ୍କାଳ ଉଦ୍ଧାର

ନୂଆପଡ଼ା,(ପି.ଏନ): ନୂଆପଡ଼ା ସଦର ଥାନା ଅନ୍ତର୍ଗତ ରତିପାଲି ଗାଁ ର ଜଣେ ନାବାଳିକା ଝିଅକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏପରିକି ପ୍ରମାଣ ନଷ୍ଟ ପାଇଁ ନାବାଳିକାଙ୍କୁ ମାଟିତଳେ ପୋତି ଦେଇଥିଲେ ଦୁର୍ବୃତ । ନୂଆପଡ଼ା ସଦର ଥାନା ରତିପାଲି ଗାଁରୁ ଏଭଳି ସାଙ୍ଘାତିକ ଅଭିଯୋଗ ଆସିଛି । ଘଟଣାସ୍ଥଳରେ ପୋଲିସ ପହଂଚି ମୃତ ନାବାଳିକାଙ୍କ କଙ୍କାଳ ଉଦ୍ଧାର କରିଛି ।ସୂଚନାନୁଯାୟୀ, ନୂଆପଡ଼ା ସଦର ଥାନା ଅନ୍ତର୍ଗତ ରତିପାଲି ଗାଁ ର ଜଣେ ନାବାଳିକା ଝିଅକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏପରିକି ପ୍ରମାଣ ନଷ୍ଟ ପାଇଁ ନାବାଳିକାଙ୍କୁ ମାଟିତଳେ ପୋତି ଦେଇଥିଲେ ଦୁର୍ବୃତ । ନୂଆପଡ଼ା ସଦର ଥାନା ରତିପାଲି ଗାଁରୁ ଏଭଳି ସାଙ୍ଘାତିକ ଅଭିଯୋଗ ଆସିଛି । ଘଟଣାସ୍ଥଳରେ ପୋଲିସ ପହଂଚି ମୃତ ନାବାଳିକାଙ୍କ କଙ୍କାଳ ଉଦ୍ଧାର କରିଛି ।ସୂଚନାନୁଯାୟୀ, ନୂଆପଡ଼ା ସଦର ଥାନା ଅନ୍ତର୍ଗତ ରତିପାଲି ଗାଁ ର ଧନିରାମ ନାଏକଙ୍କ ଝିଅ ହିତେଶ୍ୱରୀ ନାଏକ ସ୍ଥାନୀୟ ଏକଲବ୍ୟ ସ୍କୁଲରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଥିଲେ । ଜାନୁଆରୀ ୧ ତାରିଖରେ ହିତେଶ୍ୱରୀ ନିଜ ଘରକୁ ଆସିଥିଲେ । ୩ ତାରିଖ ରାତିରେ ସେ ଖାଇପିଇ ଶୋଇଥିଲେ । ସକାଳୁ ଉଠିବା ବେଳେ ହିତେଶ୍ୱରୀ ନିଜ କୋଠରୀରେ ନଥିଲେ । ପରେ ପାଖ ପଡୋଶୀଙ୍କ ସହ ପରିବାର ଲୋକ ମିଶି ଝିଅକୁ ଖୋଜାଖୋଜି କରିଥିଲେ ସୁଦ୍ଧା ହିତେଶ୍ୱରୀଙ୍କର କୌଣସି ସନ୍ଧାନ ମିଳିନଥିଲା । ଏନେଇ ପରିବାର ଲୋକେ ଜାନୁଆରୀ ୯ ତାରିଖରେ ନୂଆପଡ଼ା ଥାନାରେ ଅଭିଯୋଗ କରିଥିଲେ । ଏହାପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ନାବାଳିକାଙ୍କୁ କେହି ହତ୍ୟା କରି ମାଟିତଳେ ପୋତି ଦେଇଥିବା ଅଭିଯୋଗ ହୋଇଥିଲା । ଗତ ୨ ତାରିଖରେ ପରିବାର ଲୋକେ ଏକ ବେନାମି ଚିଠିକୁ ଆଧାର କରି ପୁଣି ଏକ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣା ପରେ ପୋଲିସ ୫ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା । ଆଜି ସଦର ନୂଆପଡା ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାସ୍ଥଳରେ ଛାନଭିନ୍ ଆରମ୍ଭ କରିଛି । ନାବାଳିକାଙ୍କୁ ପୋତାଯାଇଥିବା ଧାନ ବିଲରୁ ଧାନ କାଟି ପୋଲିସ ଜେସିବି ସାହାଯ୍ୟରେ ମାଟି ଖୋଳିବା ପରେ ମୃତ ନାବାଳିକାଙ୍କ ଶବକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି ।

ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣା ଭିନ୍ନ ମୋଡ ନେଲା, ମାଲିକଙ୍କ ତରଫରୁ ଥାନାରେ ଏତଲା

କନ୍ଧମାଳ, (ପି.ଏନ): ଭିନ୍ନ ମୋଡ ନେଇଛି ଦିନ ଦ୍ୱିପହରରେ ପେଟ୍ରୋଲ୍ ପମ୍ପ୍ କର୍ମଚାରୀଙ୍କ ଠାରୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣା । ପେଟ୍ରୋଲ ପମ୍ପ୍ ମାଲିକଙ୍କ ତରଫରୁ ଏନେଇ ଥାନାରେ ଏତଲା ହୋଇଛି । ଅଭିଯୋଗକୁ ଭିତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।ସୂଚନା ପ୍ରକାରେ, ଗତକାଲି କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ଜଲେଶପଟ୍ଟା ମା ବରାଳ ଦେବୀ ଇଣ୍ଡିଆନ୍ ପେଟ୍ରୋଲ୍ ପମ୍ପର ମ୍ୟାନେଜର ଦେବାଶିଷ ନନ୍ଦ ଏକୁଟିଆ ମୋଟରସାଇକେଲ୍ ଯୋଗେ ୫ ଲକ୍ଷ ଟଙ୍କା ନେଇ ତୁମୁଡ଼ିବନ୍ଧ ଷ୍ଟେଟ୍ ବ୍ୟାଙ୍କରେ ଜମା କରିବାକୁ ଯାଉଥିବା ବେଳେ ତୁମୁଡ଼ିବନ୍ଧ ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ନିକଟରେ ତିନିଜଣ ଦୁର୍ବୃତ ଏକ ପଲସର ମୋଟରସାଇକେଲରେ ଆସି ପଛପଟୁ ଦେବାଶିଷଙ୍କ ମୋଟରସାଇକେଲକୁ ଧକ୍କା ଦେଇଥିଲେ । ଦେବାଶିଷ ତଳେ ପଡ଼ିଯିବାପରେ ଦୁର୍ବୃତ ମାନେ ଟଙ୍କା ଭର୍ତି ବ୍ୟାଗ୍ ଝାମ୍ପି ନେଇଯାଇଥିବା କହିଛନ୍ତି ଦେବାଶିଷ । ସେପଟେ ମ୍ୟାନେଜର ଦେବାଶିଷଙ୍କ ଠାରୁ ଖବରପାଇ ପେଟ୍ରୋଲ ପମ୍ପ୍ ମାଲିକ ପ୍ରଶାନ୍ତ କୁମାର ସ୍ୱାଇଁ ଜଲେଶପଟ୍ଟା ପେଟ୍ରୋଲ୍ ପମ୍ପରେ ପହଁଚି କର୍ମଚାରୀଙ୍କ ଠାରୁ ସମସ୍ତ ବିଷୟ ବୁଝିବା ପରେ ତୁମୁଡ଼ିବନ୍ଧ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପଟେ ସମ୍ପୃକ୍ତ ମ୍ୟାନେଜର ମାଲିକଙ୍କୁ ନଜଣାଇ ତିନି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା କହିଛନ୍ତି ପେଟ୍ରୋଲ ପମ୍ପ୍ ମାଲିକ ପ୍ରଶାନ୍ତ ।

ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ରାଜରାଜେଶ୍ୱର ବେଶ

ପୁରୀ, (ପି.ଏନ): କାର୍ତିକ ପୂର୍ଣ୍ଣିମାରେ ପାରମ୍ପରିକ ରୀତି ମତେ ଆଜି ଶ୍ରୀମନ୍ଦିରର ରତ୍ନସିଂହାସନ ଉପରେ ତିନି ଠାକୁରଙ୍କ ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଛି । ଶ୍ରୀଜୀଉମାନଙ୍କର ଅବକାଶ ନୀତି ଶେଷ ହେବା ପରେ ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟବସ୍ତ୍ରରେ ଶ୍ରୀଜୀଉମାନଙ୍କୁ ରାଜବେଶରେ ସଜ୍ଜିତ କରିଥିଲେ ।ଆଜି ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି । ଏଥିନେଇ ଗତ ରାତି ୧୨ଟା ୧୫ରେ ଦ୍ୱାରଫିଟା, ୧୨ଟା ୫୫ ରେ ଭିତର ଶୋଧ, ରାତି ୧ଟାରେ ମଙ୍ଗଳଆଳତୀ, ୧ଟା ୫ରେ ମଇଲମ, ୧ଟା ୧୫ରେ ରୋଷହୋମ, ତଡ଼ପ ଲାଗି, ୧ଟା ୩୫ ରେ ଅବକାଶ ନୀତି ଅନୁଷ୍ଠିତ ହୋଇଥିଲା । ପରେ ରାତି ୨ଟା ୫୦ରେ ଶ୍ରୀଜୀଉଙ୍କ ରାଜାଧିରାଜ ବେଶ ବା ସୁନାବେଶ ଶେଷ ହୋଇଥିଲା । ରାତି ୨ଟା ୪୫ରେ ସୂର୍ଯ୍ୟପୂଜା, ୨ଟା ୫୫ରେ ଦ୍ୱାରପାଳ ପୂଜା ଓ ୩ଟା ୧୦ରେ ଗୋପାଳବଲ୍ଲଭ ନୀତି ସମ୍ପନ୍ନ ହୋଇ ୩ଟା ୩୦ ରେ ସକାଳ ଧୂପ ଡାକିଗଲେ । ରାତି ୩ଟା ୩୫ରେ ସକାଳ ଧୂପ ଛେକ, ୩ଟା ୪୦ ରେ ସକାଳ ଧୂପ ପୂଜା ଆରମ୍ଭ ହୋଇ ଭୋର ୪ଟାରେ ସକାଳ ଧୂପ ଟେରା ପଡିଥିଲା । ଭୋର୍ ୪ଟା ୧୦ ରେ ସକାଳ ଧୂପ ଶେଷ, ୪ଟା ୪୦ରେ ବାଳଧୂପ, ୫ଟା ୧୦ରେ ବାଳଧୂପ ଶେଷ, ଭୋର୍ ୫ଟା ୨୦ରେ ବାଳଧୂପ ପ୍ରସାଦ ବାହାରି ପାଣି ପଡିଲା । ପରେ ବନ୍ଦାପନା ଓ ପ୍ରସାଦମଇଲମ, ୫ଟା ୩୦ରେ ଭୋଗମଣ୍ଡପ ପୂଜା ଓ ୫ଟା ୪୦ରେ ଭୋଗମଣ୍ଡପ ପୂଜା ଶେଷ ହୋଇଥିଲା । ଏହି ବେଶରେ ଶ୍ରୀଜୀଉମାନେ ଶ୍ରୀଭୁଜ, କିରୀଟ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କୁଣ୍ଡଳ, ଚିତା, ଚନ୍ଦ୍ରିକା, ଶଙ୍ଖ, ଚକ୍ର, ହଳ, ମୂଷଳ, ତ୍ରିଶାଖା, ଅଳକା, ତଡ଼ଗି, ଶ୍ରୀମୁଖ ପଦ୍ମ, ଘାଗଡ଼ା ମାଳି, କଦମ୍ବ ମାଳି, ହରିଡ଼ା କଦମ୍ବ ମାଳି, ବାହାଡ଼ା ମାଳି, ତାବିଜ ମାଳି, ବାଘନଖି ମାଳି ଓ ସେବତୀମାଳି ଆଦି ରତ୍ନ ଅଳଙ୍କାର ଧାରଣ କରିଥାନ୍ତି । ଏହି ବେଶରେ ଗୋପାଳ ବଲ୍ଲଭ, ସକାଳଧୂପ ଓ ଭୋଗମଣ୍ଡପ ଆଦି ନୀତି ଶେଷହେବା ପରେ ଶ୍ରଦ୍ଧାଳୁ ମାନେ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ । ହବିଷ୍ୟାଳୀ ମାନେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ କରି ଫେରିଛନ୍ତି । କାର୍ତିକ ପୂର୍ଣ୍ଣମୀରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଭୋର୍ ୫ଟା ୩୮ ପୂର୍ବରୁ ଡଙ୍ଗା ଭସା ଶେଷ କରିବା ସହ ଠାକୁର ଦର୍ଶନ କରିଥିଲେ ଶ୍ରଦ୍ଧାଳୁ । ସନ୍ଧ୍ୟା ୬ଟା ୧୯ ମିନିଟ୍ ପର୍ଯ୍ୟନ୍ତ ଦେବ ନୀତି ବନ୍ଦ ରହିଥିଲା । ସଂନ୍ଧ୍ୟା ୬ଟା ୧୯ ରେ ଗ୍ରହଣ ସର୍ବମୋକ୍ଷ ହୋଇଥିଲା । ପରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଚାଲୁ ରହିଥିଲା । ଆଜି ଦିନତମାମ ଶ୍ରୀମନ୍ଦିର ଖୋଲା ରହିଥିଲା । ଶ୍ରଦ୍ଧାଳୁ ମାନେ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ, ହେଲେ ଭୋଗ ଲଗାଇବା ଓ ଦୀପ ଜାଳିବାରୁ ବଂଚିତ ରହିଥିଲେ । ଶ୍ରୀଜୀଉଙ୍କ ରାଜରାଜେଶ୍ୱର ବେଶ ସୁନାବେଶର ଅନୁରୂପ । ଅତୀତରେ ଓଡ଼ିଶାର ବହୁ ରାଜା, ଜମିଦାର ଓ ସାମନ୍ତ ବର୍ଗ ଶ୍ରୀମନ୍ଦିରକୁ ଆଗମନ ପୂର୍ବକ ଦାରୁବ୍ରହ୍ମ ରୂପୀ ଶ୍ରୀବିଗ୍ରହମାନଙ୍କର ଏହି ରାଜ ବେଶ ଦର୍ଶନରେ ପରମ ସନ୍ତୋଷ ଲାଭ କରିବା ସଙ୍ଗେ ସଙ୍ଗେ ଠାକୁରମାନଙ୍କର ଉଦ୍ଦେଶ୍ୟରେ ନାନାଦି ରତ୍ନ ଅଳଙ୍କାର ଦାନ କରୁଥିଲେ । ମୟୂରଭଞ୍ଜର ରାଜା ଓ ପାରଳାଖେମୁଣ୍ଡି ରାଜ୍ୟର ଗଜପତିମାନେ କାର୍ତିକ ପୂର୍ଣ୍ଣିମା ଦିନ ଠାକୁରମାନଙ୍କ ରାଜରାଜେଶ୍ୱର ବେଶ ଦର୍ଶନ କରି ମହାପ୍ରଭୁଙ୍କୁ ସୁନିଆ ଭେଟିଦେଇ ମହୋତ୍ସବ କରାଉଥିବା ଜଣାଯାଏ । ଉତ୍କଳର ରାଜା ସାମନ୍ତରାଜାଙ୍କ ପକ୍ଷେ ଏହି ବେଶ ଅତ୍ୟନ୍ତ ପବିତ୍ର ଓ ଦର୍ଶନୀୟ ଥିଲା । ଶ୍ରୀଜୀଉମାନଙ୍କର ଅବକାଶ ନୀତି ଶେଷ ହେବା ପରେ ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟବସ୍ତ୍ରରେ ଶ୍ରୀଜୀଉମାନଙ୍କୁ ରାଜବେଶରେ ସଜାଇଥାନ୍ତି ।ଏଠାରେ ଉଲ୍ଲେଖଯୋଗ୍ୟ, ପଂଚକ ୫ ଦିନରେ ଶ୍ରୀଜୀଉଙ୍କ ୫ ପ୍ରକାରର ଦୁର୍ଲ୍ଲଭ ବେଶ ଅନୁଷ୍ଠିତ ହୋଇଥାଏ । ପଟୁଂକର ପ୍ରଥମ ଦିନ ଅର୍ଥାତ୍ ବଡ଼ ଏକାଦଶୀ ତିଥିରେ ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ, ଦ୍ୱିତୀୟ ଦିବସରେ ବାଙ୍କଚୂଡ଼ ବେଶ, ତୃତୀୟ ଦିବସରେ ତ୍ରିବିକ୍ରମ ବେଶ, ଚତୁର୍ଥ ଦିବସରେ ଲକ୍ଷ୍ମୀ ନୃସିଂହ ବେଶ ଅନୁଷ୍ଠିତ ହୋଇଥିଲା ।

କା□ିକ ପୂର୍ଣ୍ଣିମାରେ ସାକ୍ଷୀଗୋପୀନାଥଙ୍କ ଲକ୍ଷ୍ମୀ ନାରାୟଣ ବେଶ

ସାକ୍ଷିଗୋପାଳ, (ପି.ଏନ): ପବିତ୍ର କାର୍ତିକ ପୂର୍ଣ୍ଣମୀ ତିଥିରେ ଆଜି ଭକ୍ତଙ୍କୁ ଲକ୍ଷ୍ମୀ ନାରାୟଣ ବେଶ ବା ସୁନାବେଶରେ ଦର୍ଶନ ଦେଇଛନ୍ତି ସାକ୍ଷୀଗୋପୀନାଥ । କାର୍ତିକ ପୂର୍ଣ୍ଣମୀରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଭୋର୍ ୫ଟା ୩୮ ପୂର୍ବରୁ ଡଙ୍ଗା ଭସା ଶେଷ କରିବା ସହ ଠାକୁର ଦର୍ଶନ କରିଥିଲେ ଶ୍ରଦ୍ଧାଳୁ । ଏହି ଅବସରରେ ସାକ୍ଷିଗୋପାଳ ମନ୍ଦିରରେ ବହୁ ସଂଖ୍ୟାରେ ଭକ୍ତ ସମାଗମ ହୋଇଛି । ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଛି । ଆଜି ଦିନତମାମ ମନ୍ଦିର ଖୋଲା ରହିଥିଲା । ଶ୍ରଦ୍ଧାଳୁ ମାନେ ଠାକୁର ଦର୍ଶନ କରିଥିଲେ, ହେଲେ ଗ୍ରହଣ ପାଇ ଦେବନୀତି ବନ୍ଦ ଥିବା ଯୋଗୁଁ ଭୋଗ ଲଗାଇବା ଓ ଦୀପ ଜାଳିବାରୁ ବଂଚିତ ରହିଥିଲେ । ତେବେ ସକାଳ ୬ଟା ପରେ ମନ୍ଦିରରେ ଭକ୍ତ ସମାଗମ ହ୍ରାସ ପାଇଛି । ପଟଂକର ଅନ୍ତିମ ଦିବସ କାର୍ତିକ ପୂର୍ଣ୍ଣମୀରେ ଶ୍ରଦ୍ଧାଳୁ ମାନେ ବୋଇତ ବନ୍ଦାଣ ଉତ୍ସବକୁ ମନେ ପକାଇ ଭୋରରୁ ବିଭିନ୍ନ ଗ୍ରାମ୍ୟ ପୁଷ୍କରିଣୀରେ ଡ଼ଙ୍ଗା ଭସାଇବା ସହ ମନ୍ଦିର ଦର୍ଶନରେ ଯାଇଥିଲେ । ଚନ୍ଦ୍ରଗ୍ରହଣକୁ ଦୃଷ୍ଟିରେ ରଖି ସାକ୍ଷିଗୋପୀନାଥଙ୍କ ଦୈନନ୍ଦିନ ନୀତିକାନ୍ତି ସଅଳ ସମ୍ପନ୍ନ ହୋଇଥିଲା । ମନ୍ଦିର ଦ୍ୱାରଫିଟା, ମଙ୍ଗଳ ଆଳତୀ, ବେଶ ମଇଲମ, ମର୍ଦ୍ଦନ, ଅବକାଶ, ବଲ୍ଲଭ, ସକାଳ ଧୂପ, ବାଳଧୂପ ଆଦି ନୀତ ଭୋର ସାଢ଼େ ୫ଟା ସୁଦ୍ଧା ସମ୍ପନ୍ନ ହୋଇଥିଲା । ସିଂହାରୀ ସେବକ ଠାକୁରଙ୍କୁ ଲକ୍ଷ୍ମୀନାରାୟଣ ବେଶ ବା ସୁନାବେଶରେ ସଜ୍ଜିତ କରିଥିଲେ । ସାକ୍ଷୀଗୋପାଳ ଓ ମା ରାଧାରାଣୀଙ୍କୁ ପାଟ ପୀତାମ୍ବରୀ ବସ୍ତ୍ର ସହ ସୁବର୍ଣ୍ଣ ବଂଶୀ, କିରଟୀ, କୁଣ୍ଡଳ, ହୀରା ମୁଦ୍ରିକା, ନୋଥ, ଗୁଣା, ଚନ୍ଦନପାଟି, ପାଉଁଜି, ଖଡୁ ସହ ଅନ୍ୟାନ୍ୟ ସୁବର୍ଣ୍ଣ ଅଳଙ୍କାର ଲାଗି କରାଯାଇଥିଲା । ଏହି ଅବସରରେ ନଗର କୀର୍ତନ, ଶ୍ରଦ୍ଧାଳୁଙ୍କ ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ଅଂଚଳ । ଭୋର୍ ୫ଟା ୪୦ରେ ବେଶ ଓଲାଗି ହୋଇଥିଲା । ଗ୍ରହଣ ପାଇଁ ପରବର୍ତି ଦେବନୀତି ବନ୍ଦ ରହିଛି । ସଂନ୍ଧ୍ୟା ୬ଟା ୧୯ ରେ ଗ୍ରହଣ ଗ୍ରହଣ ସର୍ବମୋକ୍ଷ ପରେ ଠାକୁରଙ୍କ ମହାସ୍ନାନ ଅନୁଷ୍ଠିତ ହୋଇଛି ଏବଂ ପରବର୍ତି ଦେବନୀତି ଆରମ୍ଭ ହୋଇଛି ।

ହବିଷ୍ୟାଳୀ ମା ମାନଙ୍କୁ ଭାବପୂର୍ଣ୍ଣ ବିଦାୟ

ପୁରୀ, (ପି.ଏନ):- ଗୋଟିଏ ମାସ କାର୍ତିକ ବ୍ରତର ହବିଷ୍ୟ ସାରିବା ପରେ ଆଜି ନିଜ ନିଜ ଘରକୁ ଫେରିଛନ୍ତି ମା ମାନେ । ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ସମର୍ଥ ବର୍ମା ଓ ଏସପି ଡ଼ଃ. କନୱର ବିଶାଲ ସିଂ ବୃନ୍ଦାବତୀ ନିବାସରେ ପହଂଚି ଏକ ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ମା ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । ମାସ ସାରା ନିଜ ପରିବାର ଛାଡି ମା ମାନେ ଏହି ନିବାସ ମାନଙ୍କରେ ରହିଥିଲେ । ସେମାନଙ୍କ ସେବା ଓ ସ୍ୱଚ୍ଛନ୍ଦ ପାଇଁ ସରକାର ଓ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଥିଲେ । ମା ମାନେ ମଧ୍ୟ ନିଜ ମହାନ ଗୁଣରେ ଏଇ ମାସ ସାରା ସହଯୋଗ କରିଛନ୍ତି । ଏହି ମାସର ଅଭିଜ୍ଞତା ଆଗାମୀ ଦିନରେ ପ୍ରଶାସନକୁ ଅଧିକ ଋଦ୍ଧିମନ୍ତ ଓ କ୍ରିୟାଶୀଳ କରିବ ବୋଲି କହିବା ସହ ପ୍ରତ୍ୟେକ ମା ମାନଙ୍କୁ ଜିଲ୍ଲାପାଳ ମହାପ୍ରଭୁଙ୍କ ଶୁଖିଲା ଭୋଗ ଓ ଫଳ ପ୍ରଦାନ କରିଥିଲେ । ମା ମାନେ ନିଜ ଅଭିଜ୍ଞତା ବର୍ଣ୍ଣନା କରି ବିଗତ ବର୍ଷ ମାନଙ୍କ ଠାରୁ ଚଳିତ ବର୍ଷର ରାଇଦାମୋଦର ବା ହବିଷ ଅତ୍ୟନ୍ତ ସୁଖଦ ଓ ଶୃଙ୍ଖଳିତ ଥିଲା ବୋଲି କହିଥିଲେ । ସରକାର ଓ ପ୍ରଶାସନ ଖୁବ ଭଲ ଭାବରେ ଆମ ଦାୟିତ୍ୱ ନେବା ସହ ବୃନ୍ଦାବତୀ ପୂଜା, ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗ ଓ ସେବା, ମନ୍ଦିର ଓ ଠାକୁର ଦର୍ଶନ, ମହାପ୍ରସାଦ ସେବନ, ଭଜନ ପ୍ରବଚନ ଶ୍ରବଣ ଇତ୍ୟାଦି ଖୁବ ଭଲ ଥିଲା । ମାସେ କେମିତି କଟିଗଲା ଜଣାପଡ଼ିଲା ନାହିଁ । ଘରୁ ଆସିଥିଲା ବେଳେ କେମିତି କଣ ହେବ ବୋଲି ଆଶଙ୍କାରେ ଥିଲୁ । ଏବେ ଏଠା ଛାଡି ଗଲା ବେଳେ ମାସକର ସ୍ନେହ ମମତାକୁ ଭାବି ଦୁଖ ଲାଗୁଛି । ଇଶ୍ୱରଙ୍କ ଆଶୀର୍ବାଦ ଥିଲେ ପୁଣି ଆର ବର୍ଷକୁ ଆସିବୁ ବୋଲି କୋହଭରା କଣ୍ଠରେ କହୁଥିଲେ ମା ମାନେ । ଏପରିକି ମାସେ ରହଣି ଭିତରେ ପରସ୍ପର ମଧ୍ୟରେ ଗଢି ଉଠିଥିବା ସମ୍ପର୍କ ଦୃଷ୍ଟିରୁ ଆଜି ନିଜ ନିଜ ଘରକୁ ଫେରିବା ବେଳେ ମା ମାନେ କାନ୍ଦି ପକାଉଥିବା ଦେଖିବାକୁ ମିଳିଥିଲା । ସମସ୍ତ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ ମଧ୍ୟ ଅନୁରୂପ ଭାବେ ଭୋଗ ଓ ଫଳ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସପି ମିହିର ପ୍ରସାଦ ପଣ୍ଡା, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପୂର୍ତ ବିଭାଗର ଅଧିକ୍ଷଣ ଯନ୍ତୀ ଅଜିତ କୁମାର ମହାପାତ୍ର, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ରନ୍ଜନ ବେହେରା, ରାକେଶ କୁମାର ପଣ୍ଡା, ଆଶୁତୋଷ ଦେ, ପୁରୀ ତହସିଲଦାର କ୍ଷିରୋଦ ବେହେରା, ପୁରୀ ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ ବେହେରା, ସହକାରୀ ଜିଲ୍ଲାପାଳ ରାଜ ବଲ୍ଲଭ ନାୟକ, ଆରଟିଓ ରବିନ ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

କୋଦଳା ସବଜେଲରେ ତାଲୁକା ଆଇନ୍ ପ୍ରାଧିକରଣ ଶିବିର ଅନୁଷ୍ଠିତ

ଗଞ୍ଜାମ, (ପି.ଏନ): ଗଞ୍ଜାମ ଜିଲ୍ଲା କୋଦଳା ସବଜେଲରେ ଅତିରିକ୍ତ ଜିଲ୍ଲା ଦୋ ?ରାଜଜ ଚିନ୍ମୟ ଗୋଛାୟତଙ୍କ ଅଧକ୍ଷତାରେ ଏକ ତାଲୁକା ଆଇନ୍ ପ୍ରାଧିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜେ.ଏମ.ଏଫ.ସି ବିମଳ ଲକ

ମୋ ଓଡ଼ିଶା

ମୋଦିଙ୍କ ବିମୁଦ୍ରୀକରଣ ନୀତି ସଂପୂର୍ଣ୍ଣ ଫେଲ ମାରିଛି

ଭୁବନେଶ୍ୱର (ପିଏନ୍)-ବିମୁଦ୍ରିକରଣକୁ ଆଜି ୬ବର୍ଷ ପୁରିଲା। ଏହି ୬ବର୍ଷ ଭିତରେ ଆତଙ୍କବାଦ କାର୍ଯ୍ୟକଳାପ, ମାଓ ଏବଂ ନକ୍ସଲ କାର୍ଯ୍ୟକଳାପ କମିବା ପରିବର୍ତେ ବରଂ ଏହା ବହୁ ପରିମାଣରେ ବଢ଼ି ବଢ଼ି ଚାଲିଛି। ୨୦୧୬ ନଭେମ୍ବର ମାସ ୮ ତାରିଖ ରାତି ୮ଟା ସମୟରେ ଭାରତବର୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରିକରଣ ଘୋଷଣା କଲେ। ଏହି ନିଷ୍ପତି ଯୋଗୁ ସେହି ସମୟ ଠାରୁ ଦେଶରେ ପ୍ରଚଳିତ ୫ଶହ ଏବଂ ୧ ହଜାର ଟଙ୍କା ନୋଟ ତାହାର ବୈଦ୍ଧତା ହରାଇଲା। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ବିମୁଦ୍ରିକରଣ ସମ୍ବନ୍ଧରେ ଉଦ୍‌ବୋଧନ ସମୟରେ ବାରମ୍ବାର କଳାଟଙ୍କାର ମୂଲୋତ୍ପାଟନ ପାଇଁ ୧୭ରୁ ଅଧିକ ଥର ଉଚ୍ଚାରଣ କରିଥିଲେ। ବିମୁଦ୍ରିକରଣ ବିଶେଷ କରି ତିନୋଟି ପ୍ରମୁଖ କାରଣ ପାଇଁ କରାଯାଉଛି ବୋଲି କହିଥିଲେ। ୧. ଦେଶରେ କଳାଧନ କାରବାରକୁ ସଂପୂର୍ଣ୍ଣ ନିଷିଦ୍ଧ କରିବା, ୨. ଜାଲ ନୋଟ କାରବାରକୁ ବନ୍ଦ କରିବା ଏବଂ ଆତଙ୍କବାଦ କାର୍ଯ୍ୟକଳାପ ଓ ମାଓବାଦୀ କାର୍ଯ୍ୟକଳାପକୁ ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିବା। ୩. କଳାଧନର କାରବାର ଯୋଗୁଁ ସମାନ୍ତରାଳ ଅର୍ଥନୀତିକୁ ବନ୍ଦ କରିବା। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ କହିଥିଲେ ବିଦେଶ ଓ ଦେଶରେ ଗଚ୍ଛିତ କଳାଧାନକୁ ଫେରାଇ ଆଣିବେ ଏବଂ ପ୍ରତ୍ୟେକ ଜନତାଙ୍କ ଖାତାକୁ ୧୫ଲକ୍ଷ ଟଙ୍କା ଡିପୋଜିଟ କରିବେ। କିନ୍ତୁ ଯେଉଁସବୁ କାରଣ ଯୋଗୁଁ ଏଭଳି ଅପରିଣାମଦର୍ଶୀ, ଜନବିରୋଧି ତଥା ଦେଶର ଅର୍ଥନୀତିକୁ ପଙ୍ଗୁ କରିବାପାଇଁ ଯେଉଁ ନିଷ୍ପତି ନେଇଥିଲେ ଆଜି ତାହା ଗୋଟିଏ ବି ଫଳବତି ହୋଇନାହିଁ। ବିମୁଦ୍ରିକରଣ ସମୟରେ ଭାରତବର୍ଷର ସମୁଦାୟ ଚଳନ୍ତି ମୁଦ୍ରାର ପରିମାଣ ୧୭.୭୨ ଲକ୍ଷ କୋଟି ଟଙ୍କା ଥିଲା ବୋଲି ଅର୍ଥ ମନ୍ତ୍ରଣାଳୟ ତଥା ରିଜର୍ଭବ୍ୟାଙ୍କ ସୂତ୍ରରୁ ପ୍ରକାଶ। ବିମୁଦ୍ରିକରଣ ନିଷ୍ପତି ଯୋଗୁ ଭାରତବର୍ଷର ସବୁବର୍ଗର ଜନସାଧାରଣ ବିଶେଷ କରି ବୟୋବୃଦ୍ଧ ଓ ବୃଦ୍ଧାମାନେ ବ୍ୟାଙ୍କ ସମ୍ମୁଖରେ ଦିନ ଦିନ ଧରି ଲାଇନରେ ଛିଡ଼ାହେବାକୁ ପଡ଼ିଲା। ବହୁ ଲୋକ ଏହି ଦାରୁଣ ପରିସ୍ଥିତିରେ ମୃତ୍ୟୁବରଣ ମଧ୍ୟ କଲେ। ବିମୁଦ୍ରିକରଣ ଯୋଗୁଁ ଦେଶର ଶ୍ରମିକ,କୃଷକ, ଛୋଟ ବ୍ୟବସାୟୀ, ସ୍ୱଳ୍ପଆୟକାରୀ ବର୍ଗ ଅତ୍ୟନ୍ତ ପରିମାଣରେ ପ୍ରଭାବିତ ହୋଇଥିଲେ। ତାଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡ଼ିଥିଲା। ବିମୁଦ୍ରିକରଣ ଯୋଗୁଁ ଭାରତର ଅର୍ଥନୀତିର ଅଭିବୃଦ୍ଧି ହାର ବହୁପରିମାଣରେ ହ୍ରାସ ପାଇଥିଲା ଏବଂ ପାଉଛି ମଧ୍ୟ। ପାଖାପାଖି ୪ କୋଟିରୁ ଅଧିକ ଲୋକ ଏହି ପ୍ରଭାବ ଯୋଗୁଁ ଅତ୍ୟନ୍ତ ଦୟନୀୟ ସ୍ଥିତି ଦେଇ ଗତିକରୁଛନ୍ତି। ବିମୁଦ୍ରିକରଣର କିଛି ସମୟ ମଧ୍ୟରେ ସମୁଦାୟ ଚଳନ୍ତି ମୁଦ୍ରାର ୯୯.୭ ପ୍ରତିଶତ ମୁଦ୍ରା ବ୍ୟାଙ୍କକୁ ଫେରିଆସିଥିଲା। ଫଳରେ ଯେଉଁ କଳାଟଙ୍କାର ପ୍ରଚାର କରାଯାଉଥିଲା ତାହା ସଂପୂର୍ଣ୍ଣ ମିଛ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଜଣାପଡ଼ିଛି। କିନ୍ତୁ ଆଜି ବିମୁଦ୍ରିକରଣର ୬ ବର୍ଷପରେ ଚଳନ୍ତି ମୁଦ୍ରାର ପରିମାଣ ଅକ୍ଟୋବର ୩୧, ୨୦୨୨ ସୁଦ୍ଧା ୩୦ଲକ୍ଷ ୮୮ ହଜାର କୋଟି ଟଙ୍କା ବୋଲି ରିଜର୍ଭବ୍ୟାଙ୍କ ସୂତ୍ରରୁ ପ୍ରକାଶ। ତେଣୁ କାହା ସ୍ୱାର୍ଥରେ ଏଭଳି ଏକ ଭୁଲ ନିଷ୍ପତି ନରେନ୍ଦ୍ର ମୋଦିଙ୍କ ସରକାର ନେଇଥିଲେ କେବଳ ନିଜର ରାଜନୈତିକ ସ୍ୱାର୍ଥ ହାସଲ କରିବା ଏବଂ ନିଜ ଦଳ, ନେତା ଓ ପୁଁଜିପତି ବନ୍ଧୁମାନଙ୍କୁ ସ୍ୱାର୍ଥକୁ ପୂରଣ କରିବାପାଇଁ ଏ ନିଷ୍ପତି ନିଆଯାଇଥିଲା ବୋଲିକି ଆଜି କଂଗ୍ରେସ ପ୍ରଶ୍ନ କରୁଛି। ସରକାରଙ୍କର ଏହି ଭୁଲ ନିଷ୍ପତି ଯୋଗୁଁ ଆଜି ଭାରତ ବର୍ଷରେ ପାଖାପାଖି ୧୫ ହଜାର ଟଙ୍କା ଭିତରେ ଆୟ କରିଥିବା ୬୯ ପ୍ରତିଶତ ପରିବାର ବର୍ଗ ଘୋର ଆର୍ଥିକ ଅନିଶ୍ଚିତା ଦେଇ ଗତିକରୁଛନ୍ତି ବୋଲି ମନିନାଇନ ପକ୍ଷରୁ ପ୍ରକାଶିତ। ଭାରତ ବର୍ଷର ମାତ୍ର ୩% ଲୋକଙ୍କର ଆୟ ବହୁ ପରିମାଣରେ ବୃଦ୍ଧି ଘଟିଛି। କିନ୍ତୁ ବାକି ୯୭ ପ୍ରତିଶତ ପରିବାର ବର୍ଗ ଆର୍ଥିକ ଅନାଟନ ଭିତରେ ଦେଇ ଗତି କରୁଛନ୍ତି। ଆମେ ଆଶା କରୁଛୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଭାରତବର୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ଦୁଃଖ ପ୍ରକାଶ କରନ୍ତୁ ଏବଂ ଭୁଲକୁ ସ୍ୱୀକାର କରନ୍ତୁ। ପ୍ରଦେଶ କଂଗ୍ରେସର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି, ଯୁବ କଂଗ୍ରେସ ମୁଖପାତ୍ର ନଳିନୀକାନ୍ତ ନାୟକ ଏବଂ କଂଗ୍ରେସ ନେତା ଅଶୋକ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

ବନ୍ଦେ ଉତ୍କଳ ଜନନୀ ପକ୍ଷରୁ ୩୮ତମ ବୋଇତ ବନ୍ଦାଣ ଉତ୍ସବ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଠାରେ 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠାନ ପକ୍ଷରୁ ୩୮ତମ ବୋଇତ ବନ୍ଦାଣ ଉତ୍ସବ ଏବଂ ସାଂସ୍କୃତିକ ମିଳନ ସଭା ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଗ୍ରହଣ ଯୋଗୁଁ ଭୋର ୫ଟା ସମୟରେ ନିକଟସ୍ଥ ଶ୍ୟାମସୁନ୍ଦରଜୀଉଙ୍କ ପୁଷ୍କରିଣୀରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନ୍ଦେ ଉତ୍କଳ ଜନନୀ କାର୍ଯ୍ୟାଳୟରୁ ଅତିଥିମାନେ ଏକ ଖୋଲା ଗାଡିରେ ଶୋଭାଯାତ୍ରାରେ ବାହାରି ପୁଷ୍କରିଣୀ ନିକଟରେ ପହଂଚିଥିଲେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଅନୁଷ୍ଠାନର ପ୍ରତିଷ୍ଠାତା ରବି ଲାବଣ୍ୟ ବୋଇତକୁ ଭଷାଇଥିଲେ। ଓଡିଆ ଚଳଚ୍ଚିତ୍ର ଜଗତର ହାସ୍ୟ ଅଭିନେତା ବ୍ରଜ ସିଂ ଏବଂ ଅଭିନେତ୍ରୀ ଦିବ୍ୟା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ଶ୍ୟାମସୁନ୍ଦରଜୀଉ ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଆବାହନୀ ସଂଗୀତ ଗାନ କରାଯିବା ସହିତ ଉତ୍କଳର ବରପୁତ୍ରମାନଙ୍କର ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପକ ଡଃ. ତୁହିନାଂଶୁ ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ କାହ୍ନୁଚରଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଧୁସ୍ମିତା ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ପ୍ରେରିତ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିଲା। ଏହି ଅବସରରେ ହାସ୍ୟ ଅଭିନେତା ବ୍ରଜ ସିଂ ଏବଂ ଅଭିନେତ୍ରୀ ଦିବ୍ୟା ମହାନ୍ତିଙ୍କୁ ଟ୍ରଫି ଏବଂ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଦସ୍ୟ ଡଃ. ଜଗନ୍ନାଥ ଜେନା, ରମାକାନ୍ତ ଜେନା, ଯୁଧିଷ୍ଠିର ସ୍ୱାଇଁ, ଚଣ୍ଡିଖୋଲ ବାର ଆସୋସିଏସନ ସଭାପତି ଦେବରାଜ ବେହେରା ପ୍ରମୁଖ ମଂଚାସୀନ ଥିଲେ। ଅଧ୍ୟାପକ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସତ୍ୟ ମହିମା ଆଶ୍ରମରେ ବାର୍ଷିକ ଉତ୍ସବ

ଭୁବନେଶ୍ୱର (ପିଏନ୍): ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଖଣ୍ଡଗିରିସ୍ଥିତ ସତ୍ୟ ମହିମା ଆଶ୍ରମରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମଲୀନ ବ୍ରହ୍ମାବଧୂତ ଜୟକୃଷ୍ଣ ବାବା ମହୋଦୟଙ୍କ ପୂର୍ବ ଆଦେଶ ଅନୁଯାୟୀ ବିଶ୍ୱଶାନ୍ତି ଯଜ୍ଞ ସହିତ ମାଙ୍ଗଳିକ କାର୍ଯ୍ୟକ୍ରମ ତଥା ବ୍ରାହ୍ମ ମୁହୂର୍ତ୍ତରେ ବ୍ରହ୍ମଧୂନୀ ସ୍ଥାପନ ବିଶ୍ୱଶାନ୍ତି ଜଗତବାସୀଙ୍କ ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ମହିମା ଧର୍ମର ସାଧୁ ସନ୍ନ୍ୟାସୀ, ଭକ୍ତଙ୍କ ସହିତ ବହୁ ଜନସାଧାରଣ ଯୋଗଦାନ କରିଥିଲେ। ବାହାରୁ ଆସିଥିବା ସମସ୍ତ ଭକ୍ତଙ୍କ ପାଇଁ ରହଣୀ ଓ ଭୋଜନର ବ୍ୟବସ୍ଥା କରାଯାଇଥିଲା ବୋଲି ମହିମା ସେବା ଫାଉଣ୍ଡେସନ୍‌ର ସଭାପତି ନାରାୟଣ ଖୁଣ୍ଟିଆ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ କେନ୍ଦୁଝରର ଗୁରୁତ୍ୱପୂର୍ଣ୍ଣ ବୈଠକ

କେନ୍ଦୁଝର (ପିଏନ୍): ଓଡିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ସଂଘ, କେନ୍ଦୁଝର ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ତା.୦୭.୧୧.୨୦୨୨ ରିଖ ସୋମବାର ଦିନ ଅପରାହ୍ନ ୩ ଘଟିକାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡି.ଟି.ୟୁ. ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହାସଂଘର ସଦସ୍ୟ ରବିନ୍ଦ୍ର କୁମାର ଜେନା ଏଥିରେ ଯୋଗଦେଇ ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍.ଏଚ୍.ଏମ୍.) ଅଧୀନରେ ଦୀର୍ଘ ୧୬ ବର୍ଷ ଧରି ଠିକା କର୍ମଚାରୀ ଭାବେ କାର୍ଯ୍ୟ କରିବା ପରେ ବି ସ୍ଥାୟୀ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନିଆ ନଯିବା ଅତ୍ୟ' ଦୁର୍ଭାଗ୍ୟର ବିଷୟ ବୋଲି କହିଥିଲେ। ଚାକିରୀର ସ୍ଥାୟୀ ପାଇଁ ମହାସଂଘ ପକ୍ଷରୁ ବିଭିନ୍ନ ସମୟରେ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯାଇଛି। ମାତ୍ର ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ପରିପ୍ରେକ୍ଷୀରେ ଆସ'। ନଭେମ୍ବର ମାସ ୨୧ ତାରିଖ ସୁଦ୍ଧା ସରକାର ଓଡିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ସଂଘର କର୍ମଚାରୀମାନଙ୍କୁ ସ୍ଥାୟୀ ନକଲେ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ଆଜିର ଏହି ବୈଠକରେ ନିଷ୍ପତି ନିଆଯାଇଛି। ପ୍ରତିବାଦ ସାଙ୍ଗକୁ କାର୍ଯ୍ୟବନ୍ଦ କରିବାକୁ ସଂଘ ପଛାଇବ ନାହିଁ ବୋଲି କର୍ମକର୍ତାମାନେ ସୂଚନା ଦେଇଛନ୍ତି। ଏହି ସଂଘରେ ସ୍ୱାସ୍ଥ୍ୟ ବିଭାଗ ଅଧିନରେ ଏନ୍.ଏଚ୍.ଏମ୍.ର ସମସ୍ତ ଠିକା କର୍ମଚାରୀ (ଓ.ଏସ୍.ଏମ୍.ପି.କେ.ଏସ୍., ଆୟୁଷ ଡାକ୍ତର ସଂଘ, ଆର୍‌ବିଏସ୍‌କେ ଆୟୁଷ ଡାକ୍ତର ସଂଘ, ଆର୍‌ବିଏସ୍‌କେ ପାରାମେଡିକାଲ୍ ସଂଘ, ଏମ୍.ଏଚ୍.ୟୁ ଆୟୁଷ ଡାକ୍ତର ସଂଘ, ଏମ୍.ଏଚ.ୟୁ ପାରାମେଡିକାଲ୍ ସଂଘ, ମେଡିକାଲ୍ ପ୍ରଫେସନାଲ୍ ଏବଂ ଆଲାଏଡ୍ ମେଡିକାଲ୍ ପ୍ରଫେସନାଲ୍ ଉଙ୍ଗ୍, ଓଡିଶା ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ କର୍ମଚାରୀ ସଂଘ, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗର ଠିକା ନିଯୁକ୍ତି କର୍ମଚାରୀ) ଅଛନ୍ତି। ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତି ନିଆଯାଇଥିବା ସେମାନେ କହିଛନ୍ତି। ଏହି ବୈଠକରେ ଏନ୍.ଏଚ୍.ଏମ୍.ର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ନିତ୍ୟରନ ବରାଳ, ଡାକ୍ତର ଜ୍ୟୋତିରନ ରାଉତ, ଡାକ୍ତର ପ୍ରଣବ ପ୍ରକାଶ ଶର୍ମା, ଡାକ୍ତର ଚିନ୍ମୟ ବିଶୋଇ, ଦିପକ କୁମାର ନାୟକଙ୍କ ସେମତ କେନ୍ଦୁଝର ଜିଲ୍ଲା ଓଡିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ସଂଘର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

କେନ୍ଦୁଝର (ପିଏନ୍): ଗତ ୭ ତାରିଖ ସୋମବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୧୪୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୦ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୩ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୧୮ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଯଦୁମଣି ମହଲା, ଆଇ.ଏ.ଏସ. ପ୍ରୋବେସନର ଧିମେନ ଚକ୍‌ମା, ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, ଡେପୁଟି କଲେକ୍ଟର (ଆପତକାଳୀନ) ସୁରିକା ବେହେରା ଏବଂ ଡେପୁଟି କଲେକ୍ଟର ସୁଚିସ୍ମିତା ଦାଶଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୧୭ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା।

DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF:
10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଜାତୀୟ ପ୍ରେସ୍ ଦିବସରେ ବାମାପଦ ତ୍ରିପାଠୀଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ'

ଭୁବନେଶ୍ୱର (ପିଏନ୍): ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ-୨୦୨୨ ଅବସରରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ରାଜ୍ୟର ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ ପ୍ରଦାନ କରାଯିବା ସହିତ ୬ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ପାଇଁ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ସ୍ଥିର କରିଛି।

ସ୍ଥାନୀୟ ଜୟଦେବ ଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ପ୍ରେସ୍ ଇନ୍‌ଫରମେସନ ବ୍ୟୁରୋ (ପିଆଇବି), ସେଣ୍ଟ୍ରାଲ ବ୍ୟୁରୋ ଅଫ କମ୍ୟୁନିକେଶନ (ସିବିସି) ଏବଂ ଏକାଡ଼େମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନ୍‌ଫରମେସନ ଟେକ୍ନୋଲୋଜି (ଅମିତ୍)ର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯିବ। ଏହି ଅବସରରେ ଦୈନିକ ସମ୍ବାଦପତ୍ର 'ସମାଜ'ର ପୂର୍ବତନ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ବାମାପଦ ତ୍ରିପାଠୀଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୨' ପ୍ରଦାନ କରାଯିବା ସହିତ ଅନ୍ୟ ରାଜ୍ୟର ବିଭିନ୍ନ ସମ୍ବାଦପତ୍ରର ୬ଜଣ ପ୍ରମୁଖ ସାମ୍ବାଦିକଙ୍କୁ ଜାତୀୟସ୍ତରରେ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ-୨୦୨୨'ରେ ସମ୍ମାନିତ କରଯିବ। ଏହାଛଡ଼ା ୨୦୨୧ ମସିହାରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱରର ଛାତ୍ରୀ ଶ୍ରୀୟଙ୍କା ସାହୁ (ଅମିତ କଲେଜ)ଙ୍କୁ 'ରବିନାରାୟଣ ମହାନ୍ତି ସ୍ମାରକୀ ସମ୍ମାନ-୨୦୨୨', ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ଛାତ୍ରୀ ଦେବଯାନୀ ମହାପାତ୍ରଙ୍କୁ 'ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ-୨୦୨୨' କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀ ଶ୍ୱେତା ମହାନ୍ତିଙ୍କୁ 'ରାମହରି ମିଶ୍ର ସ୍ମାରକୀ ସମ୍ମାନ-୨୦୨୨', ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ପାରାଦୀପ,(ପି.ଏନ): ପାରାଦୀପର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମହାମାରୀ କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କ ସେବା କରିଥିବା ପାରାଦୀପ ବନ୍ଦର ଚିକିତ୍ସାଳୟର କର୍ମଚାରୀ ପ୍ରଶାଂ କୁମାର ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କଳିଙ୍ଗ ବାଲିଯାତ୍ର ମହୋତ୍ସବରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମହୋତ୍ସବର ଦ୍ୱିତୀୟ ଦିବସରେ ସାଂସ୍କୃତିକ ମଂଚରେ ଶ୍ରୀ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକାଶଥାଉକି, କରୋନା କଟକଣା ସମୟରେ ତଥା ବନ୍ଦର ଅଂବାସୀଙ୍କୁ ଟୀକା ଦାନ କ୍ଷେତ୍ରରେ ଶ୍ରୀ ଲେଙ୍କାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ନିଜ ପରିବାରଠାରୁ ଦୂରରେ ରହି ଶ୍ରୀ ଲେଙ୍କା ଏହି ସେବା ଯୋଗାଇ ଦେଇଥିଲେ । ସମ୍ବର୍ଦ୍ଧିତ ହେବା ପରେ ଶ୍ରୀ ଲେଙ୍କା ନିଜର କର୍ତବ୍ୟରେ କେବେ ହେଲା କରିନାହାଁନ୍ତି ଏବଂ ଜନସାଧାରଣଙ୍କ ପାଇଁ ସେ ନିସ୍ୱାର୍ଥପର ଭାବେ ସେବା ଜାରୀ ରଖିବେ ବୋଲି କହିଛନ୍ତି ।

ଯୁବ କୁଲୁତା ସମାଜର ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗିର, , (ପି.ଏନ): ସ୍ଥାନୀୟ ରେଲୱେ ଷ୍ଟେସନ ଛକ ସ୍ଥିତ କରାଟେ ସ୍କୁଲରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜର ଏକ ସାଧାରଣ ସଭା ଯୁବ ସଭାପତି ଅସୀମ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ନଭେମ୍ବର ୨୭ ତାରିଖରେ ଅଗ୍ରେସନ ଭବନ ଠାରେ ଯୁବ କୁଲୁତା ସମାଜ ତରଫରୁ ନୂଆଁଖାଇ ଭେଟଘାଟ କରିବା ପାଇଁ ସ୍ଥିରିକୃତ କରାଗଲା । ଏଥିରେ ଦଶମ ଓ ଦ୍ୱାଦଶ ପରିକ୍ଷାରେ ସମାଜର ଯେଉଁ ଛାତ୍ର ଛାତ୍ରୀମାନେ ୮୦ ପ୍ରତିଶତ ତଥା ଉର୍ଦ୍ଧ୍ୱ ନମ୍ବର ରଖିଥିବେ ତାଙ୍କୁ ସମ୍ମାନିତ କରାଯିବା ପାଇଁ ସ୍ଥିରିକୃତ କରାଗଲା ତା ସହିତ ଜିଲ୍ଲା ତଥା ରାଜ୍ୟ ସ୍ତରରେ କ୍ରୀଡା, କୃଷି, କଳା, ବାଣିଜ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ତଥା ରକ୍ତଦାନ କରିଥିବା ଯୁବ ଭାଇ ଭଉଣୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିରୀକୃତ କରାଗଲା । ଏହି ଅବସରରେ ବଲାଙ୍ଗିର ସହର ମଧ୍ୟରେ ଏକ କୁଲୁତା ଭବନ ନିର୍ମାଣ ସକାଶେ ଆଲୋଚନା ହୋଇଥିଲା । ଏହି ନୂଆଁଖାଇ ଭେଟଘାଟ ଦିନ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି । ଉକ୍ତ ସଭାରେ ଅମିତ ବାରିକ, ଦିନେଶ ପ୍ରଧାନ, ଶିବ ବିଶ୍ୱାଲ, ଆକାଶ ବିଶ୍ୱାଲ, ପଞ୍ଚାନନ ସା, ଡାକ୍ତର ବିଶ୍ୱାଲ, ରିବ୍ୟା ପ୍ରଧାନ, ଦୈତାରୀ ସାହୁ, ସୀତାରାମ ପ୍ରଧାନ, ବିରେନ୍ଦ୍ର ବିଶ୍ୱାଲ, ମୁକେଶ ପ୍ରଧାନ, ପ୍ରକାଶ ସାହୁ, ସୁଧିର ପ୍ରଧାନ, ପ୍ରେମ ସାହୁ, ପ୍ରକାଶ ପ୍ରଧାନ, ଜିତେନ୍ଦ୍ର ବିଶ୍ୱାଲ, ସୁବୋଧ ବିଶ୍ୱାଲ, ଶିବ ଶଙ୍କର ପ୍ରଧାନ, ବିଶ୍ୱଜିତ ପ୍ରଧାନ, ବିଶ୍ୱନାଥ ବିଶ୍ୱାଲ ଓ ରାଜତ ବିଶ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଭୁବନେଶ୍ୱର ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଶିକାରୀ ବିଛାଇ ଥିବା ଗୁଳା (ଦେଶୀ)ବମ କୁ ଗାଇ ଖାଇବାରୁ ଗୁରୁତର

ଭବାନୀପାଟଣା, (ପି.ଏନ): ଆଜି ଭବାନୀପାଟଣା ସଦର ବ୍ଲକ ଡୁମୁରିଆ ଗ୍ରାମ ପଂଚାୟତ ଅନ୍ତର୍ଗତ ଡୁମୁରିଆ ଓ ଗଣ୍ଡବସା ଗ୍ରାମର ମଝିରେ ଥିବା ମହାବନ୍ଧ ନାମକ ପୋଖରୀ କୂଳରେ ବାରା ଶିକାର କରିବା ପାଇଁ ପୂର୍ବରୁ ସେଠାରେ ଖଞ୍ଜା ଯାଇଥିବା ହାତ ଗୋଲାର ସଂସ୍ପର୍ଶରେ ଆସି ଆଜି ଗୋଟେ ଗାଈ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଡୁମୁରିଆ ପଂଚାୟତର ଜୈନିକ ବାର ଶିକାରୀମାନେ ପୂର୍ବରୁ ବିଦ୍ୟତ ତାର ସଂଯୋଗ କରି ବାର ଶିକାର କରି ଆସୁଥିଲେ ପରବର୍ତୀ ସମୟରେ ଏହି ଘଟଣା ସ୍ଥାନୀୟ ଜନସାଧାରଣ ଓ ସରପଂଚ ଜାଣିବା ପରେ ଉକ୍ତ ବାର ଶିକାରୀଙ୍କୁ ଏପରି ବିଦ୍ୟୁତ ତାର ସଂଯୋଗ କରି ବାର ଶିକାର ନକରିବାକୁ ଆକଟ କରିଥିଲେ । ପରେ ବାର ଶିକାରୀ ବିଦ୍ୟତ ତାର ଲଗାଇ ଶିକାର କରିବା ବନ୍ଦ କରିବା ସହିତ ହାତ ଗୋଲା ଲଗାଇ ବାର ଶିକାର କରୁଥିଲା । ଆଜି ଉକ୍ତ ବାର ଶିକାରୀ ମାନେ ଡୁମୁରିଆ ଓ ଗଣ୍ଡବସା ଗ୍ରାମର ମଝିରେ ଥିବା ମହାବନ୍ଧ ନାମକ ପୋଖରୀ କୂଳରେ ବାର ଶିକାର କରିବା ପାଇଁ ହାତ ଗୋଲା ଖଞ୍ଜି ଥିଲେ । ବାରହା ପାଣି ପିଇବାକୁ ଆସିଲେ ଉକ୍ତ ହାତ ଗୋଲା ସଂସ୍ପର୍ଶରେ ଆସେବ ଓ ତାକୁ ଶିକାର କରିବାର ସୁବିଧା ହେବ ବୋଲି ଭାବୁ ଥିଲେ କିନ୍ତୁ ବାରହା ବଦଳରେ ଏକ ଗାଇ ଉକ୍ତ ପୋଖରୀକୁ ପାଣି ପିଇବାକୁ ଆସିବା ସମୟରେ ପୂର୍ବରୁ ଖଞ୍ଜା ଯାଇଥିବା ହାତ ଗୋଲା ସଂସ୍ପର୍ଶ;ରେ ଆସିଯାଇ ଥିବାରୁ ହାତ ଗୋଲା ବିସ୍ଫୋରଣ କରିବା ଫଳରେ ଉକ୍ତ ଗାଇଟି ଗୁରୁତର ଆହତ ହୋଇଥିଲା । ଖବର ପାଇଁ ଗ୍ରାମ ବାସୀ ଆହତ ଗାଇକୁ ଉଦ୍ଧାର କରି ବୋର୍ଦ ପଶୁ ଚିକିତ୍ସାଳୟରେ ଆଣି ଚିକିତ୍ସା କରିଥିବା ବେଳେ । ଏ ସମ୍ପର୍କରେ ଗାଇ ମାଲିକ ସୁଧାଂଶୁ ସାହୁ ଏକ ଲିଖିତ ଅଭିଯୋଗ ବିର୍ଦା ଫାଣ୍ଡିରେ କରିଥିବା ଜଣା ପଡିଛି । ଉକ୍ତ ଅଂଚଳରେ ବେଆଇନ ଭାବେ ଜଙ୍ଗଲୀ ପଶୁ ଶିକାର ହେଉଥିବା ବେଳେ ଜଙ୍ଗଲ ବିଭାଗ ନୀରବଦର୍ଶକ ସାଜିଥିବା ନେଇ ଜଙ୍ଗଲ ବିଭାଗର କର୍ମଚାରୀଙ୍କ ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଫରେଷ୍ଟ ବିଭାଗ ନୀରବ ଦ୍ରଷ୍ଟା ସାଜିବା ସହ ପ୍ରତି ଦିନ ଜଙ୍ଗଲୀ ଜନ୍ତୁକୁ ହତ୍ୟା କରି ମାଂସ କରୁଥିବା ସାଧାରଣ ରେ ପ୍ରକାଶ ।

ଭଦ୍ରକ ରୋଟାରୀ କ୍ଲବର ବୌଦ୍ଧିକ ଆସର, ସାଳନ୍ଦୀ ଓ ଭଦ୍ରକର ସ୍ମୃତି ସର୍ବଦା ଅନନ୍ୟ

ଭଦ୍ରକ, (ପି.ଏନ): ଭଦ୍ରକ ରୋଟାରୀ କ୍ଲବ୍ ପକ୍ଷରୁ ଏକ ବୌଦ୍ଧିକ ଆସର ତଥା ଅନ୍ତରଂଗ ଆଳାପ କାର୍ଯ୍ୟକ୍ରମ ରୋ.ବିଜୟ ସାହୁଙ୍କ ଉଦ୍ୟାନରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ରୋଟାରୀ କ୍ଲବ୍ ସଭାପତି ଅଭିଜିତ୍ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆସରରେ ବିଶିଷ୍ଟ ଲେଖକ ଦଂପତି କବି ପ୍ରଫେସର୍ ଗିରିବାଳା ମହାନ୍ତି ଓ କଥାକାର ପ୍ରଫେସର୍ କୈଳାଶ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରଂଭରେ ସଭାପତି ଶ୍ରୀ ନାୟକ ରୋଟାରୀ କେବଳ ଏକ ସାମାଜିକ ସେବା ସଂସ୍ଥା ନୁହେଁ ବରଂ ଏହା ସେବା ଓ ବୌଦ୍ଧିକତାର ସମାହାର ବୋଲି ବକ୍ତବ୍ୟ ରଖିଥିଲେ ।ଲେଖକ ଦଂପତି ପ୍ର. ଗିରିବାଳା ମହାନ୍ତି ଓ ପ୍ର .କୈଳାଶ ପଟ୍ଟନାୟକ ନିଜ ବକ୍ତବ୍ୟରେ ଲେଖକ ଜୀବନର ଅନୁଭବ ବର୍ଣ୍ଣନା କରିବା ସହ ସାଳନ୍ଦୀ ଓ ଭଦ୍ରକର ସ୍ମୃତି ସର୍ବଦା ଅନନ୍ୟ ଓ ଅନ୍ତରଂଗ ବୋଲି ବ୍ୟକ୍ତ କରିଥିଲେ । ବିଶିଷ୍ଟ କଥାଶିଳ୍ପୀ ପବିତ୍ର ପାଣିଗ୍ରାହୀଙ୍କ ସଂଚାଳନାରେ ଅତିଥି ଦ୍ୱୟଙ୍କ ସହ ଅନ୍ତରଂଗ ଆଳାପ ଓ ପ୍ରଶ୍ନୋ ରର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡ. ରାଧାବିନୋଦ ନାୟକ, ପ୍ର.ଶୈଳେନ୍ଦ୍ର ମହାପାତ୍ର, ଝରଣା ପଟ୍ଟନାୟକ, ଡ.ଗୋଲୋକ ବିହାରୀ ସାହୁ, ଡ.ରାମଚନ୍ଦ୍ର ନାୟକ, ଡ. ରାଧାରାଣୀ ମହାପାତ୍ର, ଡ.ପ୍ରଭାତ ନଳିନୀ ମହାପାତ୍ର, ପ୍ର.ଅଟଳ ବିହାରୀ ନାୟକ , ଡ.ମନୀନ୍ଦ୍ର ମହାନ୍ତି, ସୁଚିତ୍ରା ପାଣିଗ୍ରାହୀ, ଅଶୋକ ଜେନା, ଡା ବିକାଶ ନାରାୟଣ ନନ୍ଦ, ଡା ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ରୋ ବିଜୟ ସାହୁ ସ୍ୱାଗତ ସଂଭାଷଣ ଓ ସଂପାଦକ ମାଂଗି ଲାଲ୍ ବଳଦେବା ଧନ୍ୟବାଦ ଅର୍ପଣ କରିଥିଲେ । ରୋ ପ୍ରମୋଦ ଜେନା, ବସନ୍ତ କୁମାର ପାଣିଗ୍ରାହୀ, ଅମ୍ବିକା ବଲ୍ଲଭ ସ୍ୱାଇଁ, ବାଦଲ ମହାପାତ୍ର, ଶାନ୍ତି ସ୍ୱରୂପ ମିଶ୍ର,ଇନ୍ଦ୍ରଜିତ୍ ସାହୁ, ନାସିର୍ ବକ୍ସ, ସୀତାକାନ୍ତ ଦାସ୍ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଚନ୍ଦ୍ରଗ୍ରହଣ ଉପଲକ୍ଷେ ଶ୍ରୀ ବଳଦେବଜୀଉଙ୍କ ନୀତି ସଂପନ୍ନ ଓ ପଦ୍ମବେଶ

କେନ୍ଦ୍ରାପଡ଼ା,(ପି.ଏନ): ଶ୍ରୀ ବଳଦେବଜୀଉ ମନ୍ଦିରରେ ପବିତ୍ର କାର୍ତିକ ପୂର୍ଣ୍ଣମା ତିଥିରେ ସ୍ୱତନ୍ତ୍ର ପୂଜାନୀତି ପାଳନ କରାଯାଇଛି । ଚଳିତ ମାସ ୮ ତାରିଖ ମଙ୍ଗଳବାର ରାହୁଗ୍ରସ୍ତ ଚନ୍ଦ୍ରଗ୍ରହଣ ଲାଗୁ ଥିବାରୁ ଶ୍ରୀ ସିଦ୍ଧ ବଳଦେବଜୀୟୁଙ୍କ ଉକ୍ତ ଦିନର ପୂଜାନୀତିରେ ପରିବର୍ତନ କରାଯାଇଛି । ସୋମବାର ବିଳମ୍ବିତ ରାତିରେ ଗ୍ରହଣ ସ୍ପର୍ଶ ପର୍ଯ୍ୟନ୍ତ ଭକ୍ତମାନଙ୍କ ଗହଳି ଲାଗି ରହିଥିଲା । ଦିଅଁମାନଙ୍କ ଦର୍ଶନ ପାଇଁ ରାତି ସାରା ମନ୍ଦିରରେ ପୁଣ୍ୟମାସ କାର୍ତିକର ଅନ୍ତିମ ଦିନରେ ମନ୍ଦିରରେ ଏକତ୍ରିତ ହୋଇ ଦିଅଁଦର୍ଶନ କରିଥିଲେ । ମଙ୍ଗଳବାର ଭୋର ୫ଟା ୩୦ ପର୍ଯ୍ୟନ୍ତ ମନ୍ଦିରରେ ଗହଳି ଚହଳି ଲାଗି ରହିଥିବାବେଳେ ଗ୍ରହଣ ସ୍ପର୍ଶଠାରୁ ମନ୍ଦିରକୁ ଖାଲି କରାଯାଇ ଥିଲା । ମଙ୍ଗଳବାର ଦିନ ୨ ଟା ୩୭ ମିନିଟ୍‌ରେ ଗ୍ରହଣ ସ୍ପର୍ଶହୋଇ ରାତ୍ର ୬ ଟା ୧୧ ମିନିଟ୍‌ରେ ଗ୍ରହଣ ସର୍ବମୋକ୍ଷ୍ୟ ହୋଇଥିଲା । ଏଥିପାଇଁ ମଙ୍ଗଳବାର ପ୍ରାତଃ ୫ଟା ୩୭ ମିନିଟ୍‌ଠାରୁ ଦେବନୀତି ନିଷେଧ କରାଯାଇଛି । ମଙ୍ଗଳବାର ଗ୍ରହଣ ସ୍ନାନ ଓ ଭୋଗ-ସଂନ୍ଧ୍ୟା ୫ଟା ୪୦, ମହାସ୍ନାନ- ସଂନ୍ଧ୍ୟା ୬ଟା ୧୫, ସଂନ୍ଧ୍ୟା ଉଠାଣୀ-୬ଟା ୩୦, ୭ଟା ୩୦ ସମୟରେ ଜୀୟୁଙ୍କ ପଦ୍ମବେଶ ଓ ଶ୍ରୀ ଗୋବିନ୍ଦଜୀୟୁ ଓ ଶ୍ରୀ ରାଧାକୃଷ୍ଣଙ୍କ ଫୁଲରଥ ବିଜେ ଅନୁଷ୍ଠିତ ହୋଇଯାଇଛି ।

ନବୀନ ଓ ମୋଦି ସରକାର ରାଜ୍ୟ ପ୍ରଗତୀର ବାଧକ- ଶରତ ପଟ୍ଟନାୟକ, ଭଦ୍ରକରେ 'ଭାରତ ଯୋଡ଼-ଓଡିଶା' ପରିବର୍ତ୍ତନ ଯାତ୍ରା

ଭଦ୍ରକ, (ପି.ଏନ): ଓଡିଶାର ଦୀର୍ଘ ୨୨ ବର୍ଷର ସରକାର ଓ ନରେନ୍ଦ୍ର ମୋଦୀଙ୍କ ୮ବର୍ଷର ସରକାର ଓଡିଶା ପ୍ରଗତୀରେ ଅନ୍ତରାୟ ସାଜିଛନ୍ତି । ନବୀନ ସରକାର ନିରବଚ୍ଛିନ୍ନ ଭାବରେ ଦୁଇ ଦଶନ୍ଧିରୁ ଅଧିକ କାଳ ଶାସନ କରିବା ପରେ ମଧ୍ୟ ଆଜି ଓଡିଶାର ଯୁବବର୍ଗ. କୃଷକ, ଶ୍ରମିକ, ମହିଳା ସ୍ୱଚ୍ଛ ଆୟକାରୀ ବର୍ଗ, ମଧ୍ୟ ଆୟକାରୀ ବର୍ଗ ସମାନ୍ୟ ସବୁଧାରୁ ବଂତ ବୋଲି ଭାରତ ଯୋଡ଼-ଓଡ଼ିଶା ପରିବର୍ତ୍ତନ ଯାତ୍ରାରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଭଦ୍ରକ ଠାରେ କହିଛନ୍ତି । ଶ୍ରୀ ପଟ୍ଟନାୟକ ଆହୁରି ମଧ୍ୟ କହିଛନ୍ତିଯେ ରାଜ୍ୟରେ ଯୁବବର୍ଗ କର୍ମ ସଂସ୍ଥାନ ଅନ୍ୱେଷଣରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ଚାଷୀ ସେମାନଙ୍କ ହକ୍ ପାଉ ନାହିଁ । ମହିଳାମାନେ ନିର୍ଯ୍ୟାତିତ । ନାରୀ ନିର୍ଯ୍ୟାତନାରେ ଓଡିଶା ଦେଶରେ ପ୍ରଥମ । ରାଜ୍ୟ ସରକାର ଯୋଜନା ପରେ ଯୋଜନା କରି ଚାଲିଛନ୍ତି । କିନ୍ତୁ ଏ ସମସ୍ତ ଯୋଜନା ଲୋକଙ୍କର କି ପରିବର୍ତ୍ତନ ଆଣିଲା ତା' ଉପରେ ଆଲୋଚନା କିମ୍ବା ପର୍ଯ୍ୟାଲୋଚନା ହେଉ ନାହିଁ । ରାଜ୍ୟରେ କୃଷକର ଆୟ ଭାରତ ବର୍ଷରେ ସର୍ବନିମ୍ନ । ତଥାପି ମୁଖ୍ୟମନ୍ତ୍ରୀ କହୁଛନ୍ତି କାଳିଆ ଯୋଜନା ଦ୍ୱାରା କୃଷକର ଆୟ ବହୁ ପରିମାଣରେ ବୃଦ୍ଧି ପାଇଛି । ପଡୋଶୀ ରାଜ୍ୟମାନେ ଧାନର ସର୍ବନିମ୍ନ ମୂଲ୍ୟ ୨୫ଶହ ଟଙ୍କା ହୋଇଥିବାବେଳେ, ଓଡିଶାରେ ସେହି ମୂଲ୍ୟ ପାଉନାହାନ୍ତି ଚାଷୀ । ଅଭାବୀ ବିକ୍ରି ଏହି ରାଜ୍ୟର ସର୍ବବୃହତ ସମସ୍ୟା । ଅପରପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କର ନେତାମାନେ କହୁଥିଲେ ସୂର୍ଯ୍ୟ ଉଦୟ ଓଡିଶାରୁ ଆରମ୍ଭ ହେବ । ୮ବର୍ଷ ମଧ୍ୟରେ ସୂର୍ଯ୍ୟୋଦୟ ଦୂରର କଥା ସିନ୍ଦୁରା ବି ଫିଟିଲା ନାହିଁ । ଏହି ପରିପ୍ରେକ୍ଷୀରେ ଆରମ୍ଭ ହୋଇଥିବା ଭାରତ ଯୋଡ଼ ଓଡିଶା ପଦଯାତ୍ରାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ରାଜ୍ୟର ଯୁବକ, କୃଷକ, ମହିଳା ଓ ଶ୍ରମିକଙ୍କ ସମସ୍ୟାକୁ ନେଇ ପ୍ରତିବାଦ କରିବା ଓ ସ୍ଥାନୀୟ ଅଂଚଳର ସମସ୍ୟା ସହିତ ଜଡ଼ିତ ହେବା । ଏଥି ସହିତ କେନ୍ଦ୍ରରେ ମୋଦି ସରକାର ଯେପରି ବିଭାଜନ ନୀତି ଆପଣାଉଛନ୍ତି, ତାହାକୁ ପ୍ରତିହତ କରିବା । ଯେ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ମୁହଁରେ ହସ ନଫୁଟିଛି ସେ ପର୍ଯ୍ୟନ୍ତ କଂଗ୍ରେସ ଚୁପ ହୋଇ ବସିବ ନାହିଁ । ଏ ଉଭୟ ସରକାରଙ୍କୁ ଗାଦିଚ୍ୟୁତ କରିବାକୁ ପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ତେବେ ଭଣ୍ଡାରିପୋଖରୀରୁ ଆଜି ପୂର୍ବାହ୍ନରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ, ପ୍ରାକ୍ତନ ପିସିସି ମୁଖ୍ୟ ଜୟଦେବ ଜେନା, ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ନବଜ୍ୟୋତି ପଟ୍ଟନାୟକ, ବନ୍ଦିତା ପରିଡ଼ା, ବାଙ୍କନିଧି ବେହେରା, ଜିଆ ଉଲ୍ଲ ହକ୍, ପଦ୍ମାକର ଗୁରୁ ପ୍ରମୁଖଙ୍କ ନେତୃତ୍ୱରେ ଏହି ପଦଯାତ୍ରା ବାହାରି ଭଦ୍ରକରେ ପହଂଚିଥିଲା । ଆରଡ଼ି ଛକ ଠାରେ ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ପ୍ରଫୁଲ୍ଲ ସାମଲ, ଅବଦୁଲ ମୋକିଦ ଖାନ, ରାଜନ ଲାହା, ପିତବାସ ଧଳ, ଅଶ୍ରଫ ଅଲ୍ଲୀ ଖାନ, ବିଜୟ ବାରିକ, ଗୋଲକ ମହାପାତ୍ର, ଗୟାଧର ସେଠାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ପଦାଯାତ୍ରୀ ଦଳଙ୍କୁ ସ୍ୱାଗତ ଜଣାଇଥିଲେ । ପରେ ଏହି ପଦଯାତ୍ରା ମହାତାବ ଛକ, ଷ୍ଟେଟ୍ ବ୍ୟାଙ୍କ ଛକ, ଟାଉନ ହଲ ଛକ, ନୂଆବଜାର, ରାଜଘାଟ ଛକ ଦେଇ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ପହଂଚିବା ପରେ ପଦଯାତ୍ରୀମାନେ ବିଶ୍ରାମ ନେଇଥିଲେ । ଅପରାହ୍ନ ୩ଟା ପରେ ଏହି ପଦଯାତ୍ରା ବାଇପାସ ଛକ, ଡାହାଣିଗଡ଼ିଆ ଛକ ଓ ଚରମ୍ପା ଦେଇ ଆଗକୁ ବଢ଼ିଥିଲା । ତେବେ ଦଳର ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଅବଦୁଲ ସଲାମ, ରାଜୁ ରାୟ, ଟୋନୀ ଅଲ୍ଲୀ, ସେକ ସାହିଲ କାଦ୍ରୀ, ତନଭୀର ଖାନ, ଏନାମୁଲ ହକ୍, ଫେଜୁ ଆଲାମ, ରଂଜନ ଜେନା, ଇଲ୍ଲିୟାସ ଅଲ୍ଲୀ ଖାନ, ମିର୍ଜା ଏକ୍ରାମ ବେଗ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଭଦ୍ରକରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ

ଭଦ୍ରକ, (ପି.ଏନ): ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର । କାର୍ତିକ ପୂର୍ଣ୍ଣିମାର ସକାଳୁ ପ୍ରତିଟି ଓଡ଼ିଆ ସ୍ନାନ ସାରି କଦଳୀ ପଟୁଆ ଆଉ ଡଙ୍ଗା ଭସେଇ ଧର୍ମ ମାସ କାର୍ତ୍ତିକର ଶୁଭ ମନାସନ୍ତି । ଥରୁ ଥରୁ ଶୀତ ହେଉଥାଏ, ପାଟିରୁ ଭସ ଭସ ଧୁଆଁ ବାହାରୁଥାଏ । ଆଉ ଏତିକିବେଳେ ପୋଖରୀ, ଗାଡିଆ, ନଦୀ କୂଳରେ ହୁଳହୁଳି ପକେଇ ଗୀତ ଗାଇ ଗାଇ ସମସ୍ତେ ଭସେଇ ଦିଅନ୍ତି ପୂଣ୍ୟର ଡଙ୍ଗା । କାର୍ତିକ ପୂର୍ଣ୍ଣିମାର ପ୍ରତ୍ୟୁ ଆରମ୍ଭ ହୁଏ ପବିତ୍ରତାରୁ । ଆଷାଢ, କାର୍ତିକ, ମାଘ ଆଉ ବୈଶାଖ । ଏ ଚାରିମାସ ହେଉଛି ସୂର୍ଯ୍ୟଙ୍କର ଅୟନ୍ତାନ କାଳ । ତେଣୁ ଏହି ଚାରି ମାସରେ ସୂର୍ଯ୍ୟଦେବଙ୍କ ଉପାସନା କାରଣରୁ ଏହାକୁ ଧର୍ମର ମାସ ଭାବେ ଧରାଯାଏ । ଆଉ ଏଇ ଧର୍ମ ମାସ କାର୍ତ୍ତିକ ସହ ଓଡ଼ିଆଙ୍କର ରହିଛି କାଇଁ କେତେ କାଳର ସଂପର୍କ । ଦିନେ ସାଧବପୁଅ ମାନେ ବୋଇତରେ ଜିନିଷ ନେଇ ଯାଉଥିଲେ ସୁଦୂର । ସାତ ଦରିଆ ତେର ନଈ ପାର ହୋଇ ଜାଭାଠୁ ବାଲି, ସୁମାତ୍ରାରୁ ଏବେକାର ଇଣ୍ଡୋନେସିଆରେ ବେପାର ବଣିଜ କରୁଥିଲେ ଆମ ଓଡ଼ିଆ ପୁଅ । ରେଶମୀ ପାଟ, ସୁଗନ୍ଧ ଦ୍ରବ୍ୟ, କାରିଗରୀ ଶିଳ୍ପ ଭଳି କେତେ କଣ ଜିନିଷ ଧରି ବୋଇତରେ ସାଧବ ପୁଅ ଯାଉଥିଲେ କାହିଁ କେତେ ଦୂର । ଆଉ ସାଧବ ବୋହୂମାନେ ମଙ୍ଗକୋଣରେ ମଙ୍ଗଳା ବନ୍ଧେଇ ସାଧବ ପୁଅଙ୍କୁ ଦେଉଥିଲେ ଶେଷ ମେଲାଣି । ଓଡ଼ିଆରେ ଆଶ୍ୱିନ ମାସ ପରେ ପରେ ମାର୍ଗଶିର ମାସ ପୂର୍ବରୁ ପଡେ ଧର୍ମ ମାସ କାର୍ତ୍ତିକ । ପୋଥି ପୁରାଣରେ ଏ ମାସକୁ ଶ୍ରେଷ୍ଠ ମାସ କୁହାଯାଉଥିବାବେଳେ ଏ ମାସରେ ଶ୍ରୀକ୍ଷେତ୍ରରେ ହବିଷ ପାଳନ୍ତି ହବିଷିଆଳି । ଆଉ କାର୍ତିକ ପୂର୍ଣ୍ଣିମା ଦିନ ଡଙ୍ଗା ଭସେଇ ହବିଷିଆଳି ନିଜ ବ୍ରତ ଉଜାନ୍ତି । ଆଉ ମାସକ ଧର୍ମକୁ ଅର୍ଜନ କରିଥାନ୍ତି । ଯାହା ଆଜି ବି ଏ ଆ କା ମା ବୈ ଗୀତରେ ଶୁଣିବାକୁ ମିଳେ । ଆଜି ଓଡିଶାର ସେହି ଗୌରବମୟ ନୌବାଣିଜ୍ୟର ସ୍ମାରକୀ ବହନ କରୁଥିବା କାର୍ତିକ ପୂର୍ଣ୍ଣିମା ଭଦ୍ରକରେ ପାଳିତ ହୋଇଯାଇଛି । ଚଳିତବର୍ଷ ଚନ୍ଦ୍ରଗ୍ରହଣ ଉପଲକ୍ଷେ ଆଜି ରାତି ପ୍ରାୟ ୩ଟାରୁ ଭଦ୍ରକ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Thursday November 10, 2022 ଭୁବନେଶ୍ୱର ଗୁରୁବାର, ନଭେମ୍ବର ୧୦,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

ଆମ୍ବଡହରା ପଥର ଖଣି ନିମନ୍ତେ ଜନଶୁଣାଣୀ

କେନ୍ଦୁଝର,(ପି.ଏନ): ବାଂଶପାଳ ତହସିଲ ଅନ୍ତର୍ଗତ ତଳକଇଁସାରୀ ପଂଚାୟତ ଅନ୍ତର୍ଗତ ଜଳଡିହି ଗ୍ରାମରେ ୬ ହେକ୍ଟର ପରିମିତ ଅଞ୍ଚଳରେ ବାର୍ଷିକ ୪୨ହଜାର ଘନ ମିଟର ଖନନ ନିମନ୍ତେ ଆମ୍ବଡହରା ପଥର ଖଣି ପାଇଁ ଜନଶୁଣାଣୀ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଜନଶୁଣାଣୀରେ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ଙ୍କ ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ଲୋକମାନଙ୍କର ଆପତ୍ତି ଅଭିଯୋଗ ଶୁଣି ଲିପିବଦ୍ଧ କରିଥିଲେ । ଲିଜ୍ ଅବଧି ଶେଷ ପରେ ଏହି ପଥର ଖାଦାନ କୁ ପୁନଃ ନିଲାମ ନ କରାଯାଇ କେନ୍ଦୁଝର ଜିଲ୍ଲାରେ ହେଉଥିବା ବିଭିନ୍ନ ବଡ ବଡ ପ୍ରକଳ୍ପ ପାଇଁ ବାଂଶପାଳ ତହସିଲଦାର ଙ୍କ ନାମରେ ସଂରକ୍ଷିତ ରଖାଯାଇ ଲିଜ୍ ଦିଆଯାଇଥିଲା । ପରିବେଶୀୟ ମୁରୀ ନିମନ୍ତେ ସର୍ବସାଧାରଣ ଜନଶୁଣାଣୀରେ ୬୬ ଜଣ ପ୍ରଭାବିତ ଲୋକ ପଥର ଖଣି ସପକ୍ଷରେ ନିଜର ମତ ସାବ୍ୟସ୍ତ କରିଥିବାବେଳେ ୨ ଜଣ ଲିଖିତ ଭାବେ ଜଣାଇଥିଲେ । ଜନଶୁଣାଣୀରେ ବାଂଶପାଳ ତହସିଲଦାର ସପନ ସାହୁ ପ୍ରକଳ୍ପ ର ପ୍ରୋଜେକ୍ଟ ରିପୋର୍ଟ ଉପସ୍ଥାପନା କରିଥିଲେ । ସରକାରଙ୍କ ନୀତିନିୟମ ଏବଂ ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯିବ ବୋଲି କହିଥିଲେ । ପରିବେଶୀୟ ମୁରୀ ମିଳିଲେ ପଥର ଖଣିରେ ପ୍ରଭାବିତ ହେଉଥିବା ବ୍ୟକ୍ତିବିଶେଷ ଙ୍କୁ କର୍ମସଂସ୍ଥାନ ମିଳିବ ବୋଲି କହିଥିଲେ । ଏଥିରେ ତଳକଇଁସାରୀ, ଜଳଡିହି, ଆମ୍ବଡହରା,ପଦାସାହି,ଇଚିଣ୍ଡା ଗ୍ରାମର ଲୋକମାନେ ନିଜ ମତ ସାବ୍ୟସ୍ତ କରିଥିଲେ । ଖଣି ଖନନ ସମୟରେ ରାସ୍ତାଘାଟରେ ଜଳସିଞ୍ଚନ ,ରାସ୍ତାଘାଟ ମରାମତି,ବୃକ୍ଷରୋପଣ,ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି,ଡ୍ରିଲିଂ ଏବଂ ବ୍ଲାଷ୍ଟିଂ ସମୟରେ ନିରାପତ୍ତା ପ୍ରତି ଦୃଷ୍ଟି ଦେବାକୁ ଦାବୀ ରଖିଥିଲେ । ସଦର ଏସଡିପିଓ ମହେନ୍ଦ୍ର ହେମ୍ବ୍ରମ,ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଉପ ପରିବେଶ ଯନ୍ତ୍ରୀ ଇଂ ନିବେଦିତା ଦାସ ବେବର୍ତ୍ତା,ନାବେଟ୍ କନସଲଟାନସି ର ପ୍ରତିନିଧି ଭୂତତ୍ତ୍ୱବିତ୍ ପବିତ୍ର କୁମାର ସ୍ୱାଇଁ ଉପସ୍ଥିତ ଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୃତୟନ କରାଯାଇଥିଲା ।

କଳିଙ୍ଗ ବାଲିଯାତ୍ରାର ତୃତୀୟ ସଂଧ୍ୟା-ଛାଡଖାଇ ପାଇଁ ବାଲିଯାତ୍ରାରେ ପ୍ରବଳ ଗହଳି

ପାରାଦୀପ, (ପି.ଏନ): ସୋମବାର ଦିନ ସଂଧ୍ୟାରେ ପାରାଦୀପର କଳିଙ୍ଗ ବାଲିଯାତ୍ରା ଉଦଘାଟିତ ହୋଇଥିଲା । ସୋମବାର ଦିନ ଉଦଘାଟନୀ ସଂଧ୍ୟା ଯୋଗୁଁ ବାଲିଯାତ୍ରା ପଡିଆ ଫାଙ୍କା ଲାଗୁଥିଲା । ମଙ୍ଗଳବାର ଦିନ ଚନ୍ଦ୍ର ଗ୍ରହଣ ଯୋଗୁଁ ଦର୍ଶକମାନଙ୍କର ପାଦ ପ୍ରାୟତଃ ବାଲିଯାତ୍ରା ପଡିଆରେ ପଡି ନଥିଲା । ଏହି ଦୁଇ ଦିନ ବାଲିଯାତ୍ରା ପଡିଆ ଖାଁଖାଁ ଲାଗୁଥିଲା । ହେଲେ ବୁଧବାର ଦିନ ଛାଡଖାଇ ପଡିଥିବାରୁ ବାଲିଯାତ୍ରା ପଡିଆରେ ପ୍ରବଳ ଲୋକ ସମାଗମ ହୋଇଥିଲା । ଦୁଇ ଦିନ ଧରି ହାତ ବାନ୍ଧି ବସିଥିବା ଫାଷ୍ଟ ଫୁଡ୍ ଷ୍ଟଲମାନଙ୍କରେ ଭଲ ବ୍ୟବସାୟ ହୋଇଥିଲା । ଦୁଇ ଦିନ ଧରି କିଛି ବ୍ୟବସାୟ କରିନଥିବା ବ୍ୟବସାୟୀମାନଙ୍କ ମୁହଁରେ ବୁଧବାର ଦସ ଫୁଟି ଉଠିଥିଲା ।

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ: ୨୦୨୩, ଗଡିଲା ସଚେତନତା ରଥ

କେନ୍ଦୁଝର,(ପି.ଏନ):ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୩ ସଂକ୍ରାନ୍ତରେ କେନ୍ଦୁଝର ଜିଲ୍ଲାରେ ପ୍ରକ୍ରିୟା ଆରମ୍ଭ ହୋଇଛି । ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ନିମନ୍ତେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଠାକରେଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ନଭେମ୍ବର ୯ ତାରିଖ ବୁଧବାର ଦିନ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ ଶ୍ରୀମତୀ ସୁଷମା ବିଲୁଙ୍ଗ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଉକ୍ତ ରଥ ବିଭିନ୍ନ ଅଂଚଳ ପରିକ୍ରମା କରି ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିବ । ସୂଚନାଯୋଗ୍ୟ ଯେ ଉକ୍ତ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ - ୨୦୨୩ କାର୍ଯ୍ୟକ୍ରମ ଚଳିତ ନଭେମ୍ବର ୯ ତାରିଖ ଠାରୁ ଆରମ୍ଭ ହୋଇଛି ଓ ଏହା ଆଗାମୀ ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତ ନଭେମ୍ବର ୧୨, ୧୩, ୨୬ ଏବଂ ୨୭ ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ରୂପେ ପାଳନ କରାଯିବ । ତା-୦୯.୧୧.୨୦୨୨ରିଖ ସମସ୍ତ ୧୭+ ବୟସ ବର୍ଗର ଯୁବକ ଯୁବତୀମାନେ ଭୋଟର ହେବାପାଇଁ ଅଗ୍ରିମ ଆବେଦନ କରିପାରିବେ । ଆସନ୍ତା ୨୦୨୩ ମହିସା ଜାନଆରୀ ୧ ତାରିଖ, ୨୦୨୩ ମସିହା ଏପ୍ରିଲ ୧ ତାରିଖ ୨୦୨୩ ମସିହା, ଜୁଲାଇ ୧ ତାରିଖ କିମ୍ବା ୨୦୨୩ ସମିହା ଅକ୍ଟୋବର ୧ ତାରିଖକୁ ଯଦି ୧୮ ବର୍ଷ ହେଉଥାଏ ତାହେଲେ ଭୋଟର ହେବାପାଇଁ ଆବେଦନ କରିପାରିବେ । ଯାହାଫଳରେ ସେମାନଙ୍କୁ ୧୮ ବର୍ଷ ପୂରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବନାହିଁ । ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଡେପୁଟି କଲେକ୍ଟର ନିର୍ବାଚନ କିରଣ କୁମାର ନାଏକ, ଡେପୁଟି କଲେକ୍ଟର ବସୁନ୍ଧରା ଭିତିରିଆ, ଫିରୋଜ ଖାନ୍ ଓ ଅନିତା ନାଏକ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଲୋକ ସମ୍ପର୍କ ସଂଜୀବ ବାରିକଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ । ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ସେକ୍ସନ ଅଫିସର ମୃତ୍ୟୁଞ୍ଜୟ ପରିଡା, ବରିଷ୍ଠ ରାଜସ୍ୱ ସହାୟକ ଗୋପବନ୍ଧୁ ନାଏକ, କନିଷ୍ଠ ରାଜସ୍ୱ ସହାୟକ ମୁକ୍ତିକାନ୍ତ ପାତ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

ଅଟୋ ଓ ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ, ଦୁଇ ଜଣ ଆହତ

କେନ୍ଦୁଝର,(ପି.ଏନ): ଝୁମ୍ପୁରା ଥାନା ଅଞ୍ଚଳ ନିଶ୍ଚିନ୍ତପୁର ପଂଚାୟତ ଘୁଣ୍ଟିପଶି ଗ୍ରାମ ଛକ ନିକଟରେ ବୁଧବାର ଦିନ ଏକ ଅଭାବନୀୟ ଘଟଣା ଘଟିଛି । ଡାଲା ଅଟୋ ଓ ବାଇକ ଧକ୍କା ହେବା ଫଳରେ ବାଇକ ଚାଳକ ଜଗନ୍ନାଥ ପଲେଇ (୪୫ବର୍ଷ)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳ, ସ୍ତ୍ରୀ ରେଖାରାଣୀ ପଲେଇ (୪୦ବର୍ଷ) ଓ ଝିଅ ଜ୍ୟୋସ୍ନାରାଣୀ ପଲେଇ (୧୭ବର୍ଷ) ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ନିଶ୍ଚିନ୍ତପୁର ଗ୍ରାମର ଜଗନ୍ନାଥ ପଲେଇ,ସ୍ତ୍ରୀ ରେଖାରାଣୀ ପଲେଇ ଓ ଝିଅ ଜ୍ୟୋସ୍ନାରାଣୀ ପଲେଇ ମିଶି ନିଜ ବାଇକ ନଂ-(ଓଡି୦୯କେ୫୮୦୫) ଯୋଗେ କୌଣସି କାମରେ ରିମୁଳି ଅଭିମୁଖେ ଯାଉଥିଲେ । ନିଜ ଘର ଠାରୁ ଦୁଇ କିଲୋମିଟର ପରେ ଘୁଣ୍ଟିପଶି ଛକ ନିକଟରେ ବିପରିତ ଦିଗରୁ ବାଉଁଶ ବୋଝେଇ କରି ଦ୍ରୁତ ଗତିରେ ଆସୁଥିବା ଡାଲା ଅଟୋ ନଂ-(ଓଡି୦୯କେ୨୫୧୬) ଭାରସାମ୍ୟ ହରାଇ ବାଇକକୁ ଧକ୍କା ଦେବା ଫଳରେ ବାଇକ ସହିତ ସ୍ୱାମୀ,ସ୍ତ୍ରୀ ଓ ଝିଅ ପିଚୁ ରାସ୍ତା ଉପରେ ଛିଟିକି ପଡିଥିଲେ । ବାଇକ ଚାଳକ ଜଗନ୍ନାଥଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ପଡି ରହିଲେ । ସ୍ତ୍ରୀ ରେଖାରାଣୀ ଓ ଝିଅ ଜ୍ୟୋସ୍ନାରାଣୀ ଗୋଡହାତ ଛିଣ୍ଡିଯାଇ ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗ ଚମ୍ପୁଆ ମେଡିକାଲ କୁ ପଠାଯାଇଥିଲା । ଡାକ୍ତର ସେଠାରେ ଜଗନ୍ନାଥ ଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଝୁମ୍ପୁରା ପୁଲିସ ଘଟଣାସ୍ଥଳରେ ପହଁଚି ଦୁର୍ଘଟଣାଗ୍ରସ୍ତ ଡାଲା ଅଟୋ ଏବଂ ବାଇକ କୁ ଜବତ କରିଛି । ତେବେ ଅଟୋ ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ । କେଶ ନଂ-୧୩୧/୨୨ ରୁଜୁ କରି ପାରିପାର୍ଶ୍ୱିକ ସ୍ଥିତି ତଦନ୍ତ ଜାରି ରଖିଥିବା ପୁଲିସ ସୂତ୍ରରୁ ପ୍ରକାଶ ।

ଅତା ତନ୍ତୁବାୟ ସମିତିର ଉପସଭାପତି ନିର୍ବାଚନରେ ଦୁଇଜଣ ପ୍ରାର୍ଥିନୀ

ଘଷିପୁରା,(ପି.ଏନ):କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଅତା ତନ୍ତୁବାୟ ସହଯୋଗ ସମିତିର ଉପସଭାପତି ପାଇଁ ନିର୍ବାଚନରେ ଦୁଇଜଣ ପ୍ରାର୍ଥିନୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ନିର୍ବାଚନ ଅଧିକାରୀ ଭାବେ କୈଳାସ ଚନ୍ଦ୍ର ନାୟକ (ସବ୍ ଆସିଷ୍ଟାଣ୍ଟ ରେଜିଷ୍ଟାର କୋଅପରେଟିଭ୍ ସୋସାଇଟି ଆନନ୍ଦପୁର ସର୍କଲ) ପ୍ରଭାକର ମଣ୍ଡଳ (ସମ୍ପାଦକ ଅତା ସମବାୟ ସମିତି)ଙ୍କ ଉପସ୍ଥିତିରେ ଶ୍ରୀମତୀ ନମିତା ପାଗଳ, ଶ୍ରୀମତୀ ଭାନୁଲତା ପାଗଳ ଦିବା ୧୧ ଘଟିକା ଠାରୁ ଅପରାହ୍ନ ୧ ଘଟିକା ସମୟରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ଫିସ୍ ଓ ଅମାନତ ସହ ମନୋନୟନପତ୍ର ଦାଖଲ କରିଥିଲେ । ଅପରାହ୍ନ ୧.୩୦ ଠାରୁ ୨.୩୦ ମଧ୍ୟରେ ପ୍ରାର୍ଥୀଙ୍କ ଦ୍ୱାରା ମନୋନୟନପତ୍ର ଯାଞ୍ଚ, ମନୋନୟନପତ୍ର ଉପରେ ଉପଯୁକ୍ତ ପ୍ରାମାଣପତ୍ର ସହ ଲିଖିତ ଅଭିଯୋଗ ଗ୍ରହଣ ପ୍ରାର୍ଥୀଙ୍କ ଦ୍ୱାରା କରାଯାଇଥିଲା । ଦିବା ୩ ଘଟିକା ଠାରୁ ୪ ଘଟିକା ପର୍ଯ୍ୟନ୍ତ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଆପତ୍ତି ଅଭିଯୋଗକୁ ଶୁଣାଣି କରି ଫଇସଲା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ରାମଚନ୍ଦ୍ରପୁର ଥାନା ପୋଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଆସନ୍ତା କାଲି ପ୍ରାର୍ଥୀ ମାନଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର ତାରିଖ ଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି ।

ପାରାଦୀପ ବନ୍ଦର ପକ୍ଷରୁ ବନ୍ଦର ଦିବସ ଓ ବୋଇତ ବନ୍ଦାନ ଉତ୍ସବ

ପାରାଦୀପ,(ପି.ଏନ): ମଙ୍ଗଳବାର ଦିନ ପବିତ୍ର କାର୍ତିକ ପୂର୍ଣ୍ଣିମା ଅବସରରେ ବନ୍ଦର ମେରାଇନ୍ ବିଭାଗ ଓେଟ୍ ବେସିନ୍‌ଠାରେ ପ୍ରତିବର୍ଷ ପରି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପାରାଦୀପ ଅନ୍ତେବାସୀ ତଥା ଆଖପାଖ ଅଂଚଳବାସୀ ବହୁ ସଂଖ୍ୟାରେ ସେଠାକୁ ଯାଇଥିଲେ । ଚାରି ନମ୍ବର ଗେଟ୍‌କୁ ଅତିକ୍ରମ କଲେ ସେଠାକୁ ଯିବାକୁ ହୋଇଥାଏ । ଚାରି ନମ୍ବର ଗେଟ୍ ପୂର୍ବରୁ ପି.ଆଇ.ସି.ଟି. (ଅଧୁନା ଜେ.ଏମ୍.ବକ୍ସି ଆଣ୍ଡ କୋ)ର ବର୍ଥକୁ ପଣ୍ୟ ଯିବା ଆସିବା ପାଇଁ ରେଲବାଇ ଫାଟକ ରହିଛି । ସକାଳ ଆଠଟା ବେଳେ ପାରାଦୀପ ବନ୍ଦର ପକ୍ଷରୁ ଓେଟ୍ ବେସିନ୍ ଠାରେ ବୋଇତ ବନ୍ଦାଣ ଉତ୍ସବ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା । ଲୋକମାନେ ସେଠାକୁ ଯିବା ପାଇଁ ଚାରି ନମ୍ବର ଗେଟ୍ ପାଖରେ ପହଂଚିବା ବେଳକୁ ରେଳବାଇ ଫାଟକ ପଡିଯାଇଥିଲା । ବୋଇତ ବନ୍ଦାଣ ଓ ବନ୍ଦର ଦିବସ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ବ୍ୟାଘାତ ସୃଷ୍ଟି କରି ଲୋକମାନଙ୍କର ଭାବନାରେ ଆଘାତ ସୃଷ୍ଟି ହୋଇଛି । ଫଳରେ ଲୋକମାନେ ବହୁ ସମୟ ଧରି ସେଠାରେ ଅପେକ୍ଷା କରିବାକୁ ପଡିଥିଲା । ଫାଟକ ଖେଲିବା ପରେ ଲୋକମାନେ ସେଠାରେ ପହଂଚିବା ବେଳକୁ କାର୍ଯ୍ୟକ୍ରମ ଅଧା ହୋଇଯାଇଥିଲା । ଲୋକମାନଙ୍କୁ ଏହି କାର୍ଯ୍ୟକ୍ରମ ଦେଖିବାରେ ବ୍ୟାଘାତ ସୃଷ୍ଟି କରିଥିବା ଜେ.ଏମ୍.ବକ୍ସି ଆଣ୍ଡ କୋ ବିରୁଦ୍ଧରେ ଲୋକମାନଙ୍କର ଅସନ୍ତୋଷ ବଢିଯାଇଥିଲା । କମ୍ପାନୀର ଏହି ବେପରୁଆ ତଥା ଖାମଖିଆଲ ନୀତିକୁ ସେଠାରେ ଉପସ୍ଥିତ ଲୋକମାନେ ଦୃଢ ନିନ୍ଦା କରିଥିଲେ ।

ମଣ୍ଡଳସ୍ତରୀୟ ଚକ୍ଷୁ ଚିକିତ୍ସା ଶିବିର (ସୁନେତ୍ର - ୨୦୨୨) ଶିବିର ଅନୁଷ୍ଠିତ

କେନ୍ଦୁଝର,(ପି.ଏନ):ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା ଶିବିର (ସୁନେତ୍ର-୨୦୨୨) ଚଳିତ ନଭେମ୍ବର ମାସ ୯ ତାରିଖ ବୁଧବାର ଦିନ ଜିଲ୍ଲା ସଦର ମହକୁମାସ୍ଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ଉଦ୍‌ବୋଧନ ଛଳରେ ଚକ୍ଷୁ ପାଇଁ ଉଦ୍ଦିଷ୍ଟ ବ୍ୟାୟାମ୍ ନିୟମିତ ଅଭ୍ୟାସ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ପୃଷ୍ଟି ବକ୍ତବ୍ୟ ପ୍ରଦାନ କରି ଚକ୍ଷୁରୁ ଉପଯୁକ୍ତ ଯତ୍ନ ନେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପରିଚାଳକ ନିତ୍ୟରନ ବରାଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସୁନେତ୍ର - ୨୦୨୨ର ଉଦ୍ଦେଶ୍ୟ ଓ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ । ଚକ୍ଷୁ ବିଶେଷଜ୍ଞ ଡା. ରଶ୍ମି ରନ ଭ ଏହି ଶିବିରରେ ଚକ୍ଷୁର ଯତ୍ନ, ଶିବିରର ଉପାଦେୟତା ଓ ଆବଶ୍ୟକ ସ୍ଥଳେ ଚଷମାର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ । ଉକ୍ତ ଶିବିର ସମଗ୍ର ଶିକ୍ଷା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନଙ୍କ ମିଳିତ ଆନୁକୂଲ୍ୟରେ ପରିଚାଳିତ ହୋଇଥିଲା । ସୂଚନାଯୋଗ୍ୟ ଯେ ଉକ୍ତ ଶିବିର ପର୍ଯ୍ୟାୟ କ୍ରମେ ପ୍ରତି ବ୍ଲକରେ ଅନୁଷ୍ଠିତ ହେବାକୁ ଯାଉଛି । ସଦର ଓ ବାଂଶପାଳ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୫ଦିନ ଧରି ଶିବିର ଅନୁଷ୍ଠିତ ହେଉଛି । ଜିଲ୍ଲାରେ ମୋଟ ୫୬ଟି ଚକ୍ଷୁ ଚିକିତ୍ସା ଶିବିର ହେବ ବୋଲି ସୂଚନା ମିଳିଛି । ସମଗ୍ର ଶିକ୍ଷାର ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ପିତବାସ ସାହୁ ଓ ରଜନୀକାନ୍ତ ସାହୁ ପ୍ରମୁଖ ଶିବିର ଆୟୋଜନ କରିଥିଲେ । ବି.ଆର.ଟି. ଶୁକଦେବ ପାଢୀ, ମମତାରାଣୀ ମିଶ୍ର, ଏବିଇଓ ମାନସ ରନ ମିଶ୍ର ତଥା ଅନ୍ୟାନ୍ୟ ଶିକ୍ଷାକ, ଶିକ୍ଷୟତ୍ରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପ୍ରଧାନଶିକ୍ଷକ ସତ୍ୟନାରାୟଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ ଉକ୍ତ ଶିବିରରେ ପରୀକ୍ଷା ଅନୁଯାୟୀ ୧୦୩ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ଯୋଗାଇ ଦିଆଯିବ ଏବଂ ତାଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବ ବୋଲି ଜଣାପଡିଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray